ଧରିତ୍ରୀ
DHARITRI
October 17-23, 2021 ₹ 2/-

# ଛୁଟିଦିନ

# ଜଳରେ କୌଶଳ





୩
ପ୍ରଚ୍ଛଦ ପ୍ରସଙ୍ଗ

ଜଳରେ ବିଭିନ୍ନ ପ୍ରକାରର କ୍ରୀଡ଼ାକୌଶଳ ଦେଖାଇବା କିଛି ନୂଆ କଥା ନୁହେଁ, କିନ୍ତୁ ଏହାକୁ ଆଧାର କରି ଏବେ କେତେଜଣ ଜଳରେ ଯୋଗ କରିବାର କୌଶଳ ଆପଣେଇଛନ୍ତି...

୮/୯
ସିନେମା



# ଗଛ ବଦଳାଇ ଦେବ ଭାଗ୍ୟ

ଘରେ ଶାନ୍ତି ବଜାୟ ରହିବା ସହ ସୁଖସମୃଦ୍ଧି ବୃଦ୍ଧି କରିବାକୁ କାହାର ବା ଇଚ୍ଛା ନୁହେଁ! ସେଥିପାଇଁ କିଏ କେତେ ପ୍ରକାରର ବିଧିବିଧାନକୁ ଆପଣେଇଥା'ନ୍ତି। ହେଲେ ଜାଣିଛନ୍ତି କି, ବାସ୍ତୁଶାସ୍ତ୍ର ଅନୁସାରେ ଏମିତି ଏକ ଗଛ ଅଛି, ଯାହାକୁ ଘରେ ଲଗାଇବା ଦ୍ୱାରା ଧନବୃଦ୍ଧି ହେବା ସହ ଭାଗ୍ୟ ମଧ୍ୟ ବଦଳି ଯାଇଥାଏ। ସେ ଗଛଟି କ'ଣ ଜାଣନ୍ତି ? ତାହା ହେଉଛି ମନିପ୍ଲାଣ୍ଟ। ହେଲେ ଏହି ମନିପ୍ଲାଣ୍ଟକୁ ସଠିକ୍ ଦିଗରେ ଲଗାଇ ଏହାର ଉତ୍ତମ ଯତ୍ନ ନ ନେଲେ ବେଳେବେଳେ ଫଳ ଓଲଟା ବି ମିଳିଥାଏ। ବାସ୍ତୁଶାସ୍ତ୍ର ଅନୁଯାୟୀ, ଗୃହର



ଆଗ୍ନେୟ କୋଣରେ ଏହି ବୃକ୍ଷକୁ ଲଗାଇଲେ ଘରେ ସକାରାତ୍ମକ ଶକ୍ତି ବୃଦ୍ଧି ପାଇଥାଏ। ତା'ଛଡ଼ା ଏହି ବୃକ୍ଷକୁ ଏମିତି ଲଗାଇବା ଦରକାର ଯେମିତିକି ଏହାର ଡାଳ ଓ ପତ୍ର ଊର୍ଦ୍ଧ୍ୱଗାମୀ ହୋଇ ବଢୁଥିବ। ମାଟି ଉପରେ ବା ତଳେ ଏହା ବଢ଼ିଲେ ଗୃହରେ ବାସ୍ତୁ ସମସ୍ୟା ଉପୁଜିଥାଏ ବୋଲି ବିଶ୍ୱାସ କରାଯାଏ। ସେହିପରି ଏହି ଗଛର ପତ୍ର ଯେତେ ସବୁଜ ଶ୍ୟାମଳ ହୋଇ ରହିବ ସେତେ ଭଲ। ତେଣୁ ଯେତେବେଳେ ଉକ୍ତ ଗଛର ପତ୍ର ଶୁଖିଯାଏ ବା ହଳଦିଆ ହୋଇଯାଏ, ସେତେବେଳେ ଏହାକୁ ଛିଣ୍ଡାଇଦେବା ଦରକାର ; ନଚେତ୍ ଏହାର କୁ-ପ୍ରଭାବ ଘର ଉପରେ ପଡ଼ିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ଅକ୍ଟୋବର ୧୭-୨୩**

**ମେଷ** – ପାରିବାରିକ ସୁସ୍ଥତା, ପରିସ୍ଥିତି ଭଲ ରହିବ, କର୍ମକ୍ଷେତ୍ରରେ ମତଭେଦ, କର୍ମକ୍ଳାନ୍ତ, ଶରୀର କଷ୍ଟ, ବିବାଦରୁ ବ୍ୟସ୍ତତା, ବନ୍ଧୁ କାମ ଅଟକିବ ନାହିଁ, ରାଜକୀୟ ସମ୍ମାନପ୍ରାପ୍ତି, ଭ୍ରମଣ ସୁଯୋଗ ଜୁଟିବ, ଧର୍ମକାର୍ଯ୍ୟ କରିପାରନ୍ତି, ନୂତନ ଯୋଜନା କରିବେ।

**ବୃଷ** – ଦୁଃସାହସିକ ପଦକ୍ଷେପ, ଅର୍ଥସଂକଟର ଚିନ୍ତା, ଯାତ୍ରାରେ ଯାନ୍ତ୍ରିକ ତ୍ରୁଟି, ଭୁଲ୍ ବୁଝାମଣାରୁ ଅନର୍ଥ ସୃଷ୍ଟି, ମାନସିକ ଦ୍ୱନ୍ଦ୍ୱ, ମନୋରଞ୍ଜନରୁ ଦୂରେଇବେ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ଦୂରଯାତ୍ରାର ପରିକଳ୍ପନା।

**ମିଥୁନ** – ବନ୍ଧୁଙ୍କ ସାହାଯ୍ୟ ସହଯୋଗ, ବିବାଦୀୟ ଘଟଣାର ସମୀକ୍ଷା, ବକେୟା ଅର୍ଥପ୍ରାପ୍ତି, କର୍ମକ୍ଷେତ୍ରରେ ପ୍ରଶଂସା, ବ୍ୟବସାୟିକ ଉନ୍ନତି, ପାରିବାରିକ ବିଶୃଙ୍ଖଳା, ଆନୁଷ୍ଠାନିକ ଦାୟିତ୍ୱ, ଧର୍ମାନୁଷ୍ଠାନର ନେତୃତ୍ୱ।

**କର୍କଟ** – ସମସ୍ୟାବହୁଳ କର୍ମକ୍ଷେତ୍ର, ପାରିବାରିକଜଞ୍ଜାଳ ବୃଦ୍ଧି, ସରକାରୀ ଚାପ, ଅବସର ପାଇବେନି, ଶୁଭଖବର ମିଳିବ, ଦୂରସ୍ଥାନକୁ ଯାତ୍ରା, ଶାରିରୀକ ସୁସ୍ଥତା, ପ୍ରତିଯୋଗିତାରେ ସଫଳତା, ଅର୍ଥସଙ୍କଟ ଟଳିଯିବ, ମିତ୍ରବନ୍ଧୁଙ୍କ ସମାଲୋଚନା।

**ସିଂହ** – ଟେନ୍ସନ କମିଯିବ, ପାରିବାରିକ ସହମତି, କାର୍ଯ୍ୟରେ ଅଗ୍ରଗତି, ପର୍ଯ୍ୟାପ୍ତ ଧନ ବ୍ୟୟ, ସମାଲୋଚିତ ହୋଇପାରନ୍ତି, ବନ୍ଧୁସମ୍ପର୍କ ହାନି, ପରୋକ୍ଷ ଶତ୍ରୁତା, ନୂତନ ସ୍ଥାନ ପରିଦର୍ଶନ, ଶିଳ୍ପବାଣିଜ୍ୟରେ ଉନ୍ନତି।

**କନ୍ୟା** – ନିରୁତ୍ସାହିତ ରହିବେ, ବନ୍ଧୁଙ୍କ ପ୍ରତାରଣା, ଉଚ୍ଚବର୍ଗଙ୍କ ସହାୟତା, ସାମାଜିକ ସମ୍ମାନ, ସଭାସମିତିକୁ ନିମନ୍ତ୍ରଣ, ସାମୟିକ ସ୍ୱାସ୍ଥ୍ୟହାନି, ପରିବାରରେ ମନୋମାଳିନ୍ୟ, ବିବାଦୀୟ ପରିସ୍ଥିତି।

**ତୁଳା** – କାର୍ଯ୍ୟବ୍ୟସ୍ତତା, ଦ୍ରବ୍ୟନଷ୍ଟରୁ କ୍ଷୋଭ, ସହକର୍ମୀଙ୍କ ବିରୋଧାଭାଷ, ବାଣିଜ୍ୟରେ ଲାଭାଂଶ ବୃଦ୍ଧି, ଆରୋଗ୍ୟ ଲାଭ, ପ୍ରତିବେଶୀଙ୍କ ଉଦାରତା, ନୂତନ ଯାନବାହନ କ୍ରୟ, ବନ୍ଧୁ ମିଳନର ସୁଯୋଗ, ରଚନାତ୍ମକ କାର୍ଯ୍ୟାରମ୍ଭ,ଋଣ ପରିଶୋଧର ଚିନ୍ତା।

**ବିଛା** – ଶାରୀରିକ ଅସୁସ୍ଥତା, ପରିବାରରେ ଝଡ, ଉପରିସ୍ଥ କ୍ଷୁବ୍ଧ ହେବେ, ଅସମ୍ପୂର୍ଣ୍ଣ କାର୍ଯ୍ୟରୁ ଅଶାନ୍ତି, ବନ୍ଧୁଙ୍କ ଅନାଦର ଭାବ, ପରିସ୍ଥିତି ବଦଳିବ, ଯାତ୍ରାରେ ସଫଳତା, ପଦମର୍ଯ୍ୟାଦା ବୃଦ୍ଧି, ଆଶାନୁରୂପ ଫଳ, ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଷ୍ଠା।

**ଧନୁ** – ନୂତନ ଯୋଜନାରମ୍ଭ, ସଫଳତା ପାଇବେ, ଉଚ୍ଚପଦବୀରେ ନିଯୁକ୍ତି, ଖୁସିର ଆସର ଜମିବ, ନିର୍ମାଣ କାର୍ଯ୍ୟରେ ସମସ୍ୟା, ଜମିଜମା ବିବାଦ, ଅଦାଲତରେ ବିଜୟ, ସମସ୍ୟାର ସମାଧାନ, ବନ୍ଧୁ ସମ୍ପର୍କ ବ୍ୟାହତ, ଶାରୀରିକ ପୀଡ଼ା।

**ମକର** – ଆର୍ଥିକ ଦୂରବସ୍ଥା, ମାନସିକ ଦୁଃଶ୍ଚିନ୍ତା, ଗୁରୁବର୍ଗଙ୍କ ଉପଦେଶ, ପରିବହନରେ ଝଗଡା, ସାହିତ୍ୟାନୁରାଗ, ସାମ୍ବାଦିକତାରୁ ଗୌରବ, ସନ୍ତାନଙ୍କ ବିଶୃଙ୍ଖଳା, ଖର୍ଚ୍ଚ ପରିମାଣ ବୃଦ୍ଧି, ସୁସମ୍ପର୍କ ଫେରିବ, ସ୍ୱାସ୍ଥ୍ୟ ନିୟନ୍ତ୍ରିତ ରହିବ।


**କୁମ୍ଭ** – ଚିନ୍ତାମୁକ୍ତ ହେବେ, ଆର୍ଥିକ ଅଭିବୃଦ୍ଧି, ବିବାଦର ସମାଧାନ, କାର୍ଯ୍ୟରେ ଅଗ୍ରଗତି, ସ୍ୱର୍ଣ୍ଣାଳଙ୍କାର କ୍ରୟ, କାରବାରରେ ଉନ୍ନତି, ପ୍ରଶାସନିକ ସଫଳତା, ବାଣିଜ୍ୟରେ ଲାଭାଂଶ ବୃଦ୍ଧି, ପାରିବାରିକ ବିତର୍କ, ସମସ୍ୟା ସୁଧାରି ନେବେ।

**ମୀନ** – ଅତୀତ ଘଟଣାର ଅନୁଚିନ୍ତା, ପଡୋଶୀଙ୍କ ପ୍ରେରଣା, ଅପ୍ରିୟସତ୍ୟ ଭାଷଣରୁ କଳହ, ପ୍ରତିଯୋଗିତାରେ ସଫଳତା, ଜମିଜମା ରେଜିଷ୍ଟ୍ରେସନ, କଚେରୀ ମାମଲାରେ ବାଇଦା, ଯୋଗ ଚର୍ଚ୍ଚାରେ ମନଯୋଗ।

# କ'ଣ ସଙ୍କେତ ଦିଏ ସ୍ୱପ୍ନ

**ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ସ୍ୱପ୍ନ ବି ଆମକୁ ଅନେକ ସମୟରେ ଭବିଷ୍ୟତର ସଙ୍କେତ ଦେଇଥାଏ। ଯେମିତିକି...**

* ଅଖରୋଟ୍ ଖାଉଥିବାର ସ୍ୱପ୍ନ ଦେଖିଲେ ଏହା ଧନବୃଦ୍ଧିର ସଙ୍କେତ ଦେବା ସହ ସୁସ୍ୱାଦୁ ଭୋଜନର ସୁଯୋଗ ରହିଛି ବୋଲି ଆମକୁ ସୂଚାଇ ଦେଇଥାଏ।
* ସ୍ୱପ୍ନରେ କିଛି ଶସ୍ୟ ଦେଖିବା ଚିନ୍ତାଗ୍ରସ୍ତର ସଙ୍କେତ ଦେଇଥାଏ।
* ଡାଳିମ୍ବ ଖାଇବାର ସ୍ୱପ୍ନ ଦେଖିବା ଧନବୃଦ୍ଧିକୁ ସୂଚାଇଥାଏ।
* କୌଣସି ଅଜଣା ବ୍ୟକ୍ତିଙ୍କୁ ସ୍ୱପ୍ନରେ ଦେଖିଲେ ଆଗକୁ କିଛି ଅନିଷ୍ଟ ଘଟିବାର ସଙ୍କେତ ମିଳିଥାଏ।
* ଜୁଆଣି ଖାଇବାର ସ୍ୱପ୍ନ ସ୍ୱାସ୍ଥ୍ୟ ଭଲ ରହିବାର ସୂଚନା ଦେଇଥାଏ।
* ସ୍ୱପ୍ନରେ କୌଣସି ଶିକ୍ଷକ ବା ଅଧ୍ୟାପକଙ୍କୁ ଦେଖିଲେ ; ଏହା ସଫଳତା ପ୍ରାପ୍ତିର ସଙ୍କେତ ଦିଏ।
* ସେହିପରି ଅନ୍ଧକାରର ସ୍ୱପ୍ନ ବିପତ୍ତିର ସୂଚନା ଦେଇଥାଏ।
* କାହାର ଅନ୍ତ୍ୟେଷ୍ଟିକ୍ରିୟାର ସ୍ୱପ୍ନ ଦେଖିଲେ ଆଗକୁ ଘରେ କୌଣସି ମାଙ୍ଗଳିକ କାର୍ଯ୍ୟ ହେବାକୁ ଯାଉଛି ବୋଲି ବିଶ୍ୱାସ କରାଯାଏ ।



# ପାଠକୀୟ

* ଏହି ଦୁଃସାହସିକ କ୍ରୀଡ଼ା ଅଭିଯାନର ପାଦେ ପାଦେ ରହିଥାଏ ବିପଦର ଆଶଙ୍କା। ତଥାପି ପର୍ବତ ଶିଖର ଛୁଇଁବାର ନିଶା ପାଇଁ ଅନେକ ସାମିଲ ହୋଇଥା'ନ୍ତି ଏହି ଅଭିଯାନରେ। ତେଣୁ ଏଭଳି ଏକ ରୋଚକପୂର୍ଣ୍ଣ ଆଲେଖ୍ୟକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା ହୋଇଥିବା ଏଥରର ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗ 'ଶିଖର ଛୁଇଁବାର ଇଚ୍ଛା'ଟି ମୋ' ମନକୁ ବେଶ୍ ଛୁଇଁଗଲା। 'ଲୁଣ ବି ବଦଳାଇ ଦେବ ଭାଗ୍ୟ'ରୁ ଅନେକ ନୂଆ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

**– *ରଶ୍ମିରେଖା ଶତପଥୀ, ଚକେଇସିହାଣୀ, ଭୁବନେଶ୍ୱର***

* ମାଟିରୁ ଆକାଶ ସୁଉଚ୍ଚ ପର୍ବତ ଶିଖର ଛୁଇଁବାର ନିଶା। ପର୍ବତାରୋହୀଙ୍କ ମନରେ ଜାଗ୍ରତ କରେ ପ୍ରତିଯୋଗୀ ଭାବନା। ଆଗକୁ ଅଗ୍ରସର ହେବାର ଉତ୍ସୁକତା। ଏହି ଦୁଃସାହସିକ କ୍ରୀଡ଼ା ଅଭିଯାନର ପାଦେ ପାଦେ ରହିଥାଏ ବିପଦର ଆଶଙ୍କା। ତେଣୁ ଏଭଳି ଏକ ନିଆରା ବିଷୟକୁ ନେଇ ଛୁଟିଦିନରେ ପ୍ରକାଶ କରାଯାଇଥିବା 'ଶିଖର ଛୁଇଁବାର ଇଚ୍ଛା' ନାମକ ପ୍ରଚ୍ଛଦ ପ୍ରସଙ୍ଗଟି ସମସ୍ତଙ୍କ ପାଇଁ ଖୁବ୍ ପ୍ରେରଣାଦାୟୀ ଥିଲା। ସେହିପରି ଏଥରର ଲାଇଫ୍‌ଷ୍ଟାଇଲ୍ ପୃଷ୍ଠାରେ ସ୍ଥାନିତ 'ଟି ଲେଙ୍ଗ୍‌ଥ ଡ୍ରେସ୍' ପାଠଟିରୁ ଫ୍ୟାଶନର ଏକ ନୂଆ ଦିଗ ସମ୍ପର୍କରେ ଜାଣିବାକୁ ମିଳିଲା।

**– *ରାମହରି ବଳିୟାରସିଂ, ନାଉଗାଁ, ଜଗତ୍‌ସିଂହପୁର***

* ଏଥରର ବ୍ୟକ୍ତିତ୍ୱ ପୃଷ୍ଠାରୁ ହସ୍ତଶିଳ୍ପ କାରିଗରିରେ ନିଆରା ପରିଚିତି ସୃଷ୍ଟି କରିଥିବା ଭୁବନେଶ୍ୱର ବଡ଼ଗଡ଼ ବ୍ରିଟ୍‌କଲୋନିର ସନ୍ଦିପ ସାହୁଙ୍କ ସଂଘର୍ଷପୂର୍ଣ୍ଣ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ମହାତ୍ମାଙ୍କ ଛାଇ' ନାମକ ଗପଟି ମୋ ମନକୁ ଖୁବ୍ ଛୁଇଁ ପାରିଥିଲା। ଅନ୍ୟପକ୍ଷେ ସିନେମା ପୃଷ୍ଠାଟି ମଧ୍ୟ ବେଶ୍ ଆକର୍ଷଣୀୟ ଲାଗୁଥିଲା।

**– *ରୂପଶ୍ରୀ ଲେଙ୍କା, ଭବାନୀପାଟଣା***

* ଏଥରର ସାଥୀର ହେଡିଂ 'ମନ ମୋହିନୀର ସୁନେଲି ହସ, ହସ ନୁହେଁ ସେ ତ ପ୍ରେମର ଫାଶ'ଟି ଖୁବ୍ ରୋମାଣ୍ଟିକ୍ ଲାଗୁଥିଲା। ସେହିପରି ପ୍ରଥମ ରୋଜଗାର ସ୍ତମ୍ଭରୁ ନାଟ୍ୟ ନିର୍ଦ୍ଦେଶକ ଜିତେନ୍ଦ୍ର ପଟ୍ଟନାୟକଙ୍କ ରୋଜଗାର ସମ୍ପର୍କିତ ଅନୁଭୂତିଟି ବି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ପିଲାଙ୍କ ଖୁସି ପାଇଁ କେମିତି ଭିନ୍ନ ଭିନ୍ନ ଶୈଳୀର ପେନ୍ ଓ ପେନ୍‌ସିଲ କେସ୍ ସବୁ ରହିଛି, ସେ ସମ୍ପର୍କିତ ଅନେକ ଫଟୋ ଛୁଟିଦିନରୁ ଦେଖିହେଲା। ମଡେଲ୍ ମିରର୍‌ରେ ବୈଶାଳୀ ବେଶ୍ ସୁନ୍ଦରୀ ଲାଗୁଥିଲେ।

**– *ସୁନନ୍ଦା ପାଢ଼ୀ, ହରେକୃଷ୍ଣପୁର, ପୁରୀ***

* ଏଥରର ସହର ପୃଷ୍ଠାରୁ 'ହର୍ସ ରାଇଡିଂ ଡେଷ୍ଟିନେଶନ୍' ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳିଲା। ସେହିପରି ବିବିଧା ପୃଷ୍ଠାରେ ସ୍ଥାନିତ 'ତକିଆ ଯୁଦ୍ଧ ପ୍ରତିଯୋଗିତା' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'କୁନି କୁକ୍ ମାଷ୍ଟର: ୫୮ ମିନିଟ୍‌ରେ ୪୮ ଡିସ୍' ଏବଂ 'ରୋବେ ଚଢ଼େଇ' ନାମକ ଆଦି ପାଠଗୁଡ଼ିକ ବେଶ୍ ରୋଚକଭରା ଥିଲା।

**– *ଛବିନା ରଥ, ସମ୍ବଲପୁର***

## ବିଶେଷ ଚିଠି



ଧରିତ୍ରୀର ତୁମେ ସୁଯୋଗ୍ୟ ସନ୍ତାନ
ନାମଟି ତୁମର ଅଟେ ଛୁଟିଦିନ।
ଷୋହଳ ପୃଷ୍ଠାରେ ତୁମେ ଆସ
ଫୁଟାଅ ସଭିଙ୍କ ମୁହଁରେ ହସ।
ପ୍ରଚ୍ଛଦ ତୁମର ଅତି ଚମତ୍କାର
ଜଣାଏ ନୂଆ କଥା ଦୁନିଆର।
ସାଥୀର ଉତ୍ତର କରେ କିମିଆ
ଜଳାଏ ପ୍ରେମିକ ମନରେ ନିଆଁ।
ଭାରି ନିଆରା ଲାଗେ ତୁମ ବିବିଧା
ତା'ସାଙ୍ଗକୁ ପୁଣି ଚିନ୍ମୟ ଚିନ୍ତନର କଥା।
ଭଗବାନ୍ ତୁମକୁ ହୁଅନ୍ତୁ ସଦୟ
ଜିଣୁଥାଅ ଏମିତି ସଭିଙ୍କର ହୃଦୟ।

**– *ପ୍ରଭାରାଣୀ ମହାନ୍ତି, ବଳଗଣ୍ଡି ଛକ, ପୁରୀ***

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ


Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା

ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଜଳରେ କୌଶଳ

**ଜଳରେ ବିଭିନ୍ନ ପ୍ରକାରର କ୍ରୀଡ଼ାକୌଶଳ ଦେଖାଇବା କିଛି ନୂଆ କଥା ନୁହେଁ, କିନ୍ତୁ ଏହାକୁ ଆଧାର କରି ଏବେ କେତେଜଣ ଜଳରେ ଯୋଗ କରିବାର କୌଶଳ ଆପଣେଇଛନ୍ତି...**




କଳ୍ପତରୁ ପଣ୍ଡା


ଶରୀରର ନାନା କାର୍ଯ୍ୟକଳାପ ମଧ୍ୟରେ ସାମଞ୍ଜସ୍ୟ ରଖିବା ପାଇଁ ଯୋଗ ଓ ପ୍ରାଣାୟାମ ଖୁବ୍ ଉପକାରୀ। ତେବେ ଯୋଗାସନରେ ଶରୀର ସୁସ୍ଥ ରହେ। ନୀରୋଗ ରହିବାର ଏହା ହେଉଛି ସବୁଠୁ ବଳିଷ୍ଠ ମାଧ୍ୟମ। ମାତ୍ର ମୁକ୍ତବାୟୁ ଚଳାଚଳ କରୁଥିବା ସ୍ଥାନରେ ଯୋଗାଭ୍ୟାସ କରାଯାଇଥାଏ। କିନ୍ତୁ ଅନେକ ବ୍ୟକ୍ତି ଅଛନ୍ତି, ଜଳଭାଗରେ ବିଭିନ୍ନ କ୍ରୀଡ଼ାକୌଶଳ ମାଧମରେ ଭାସମାନ ହୋଇ ବିଭିନ୍ନ ମୁଦ୍ରା ପ୍ରଦର୍ଶନ କରିଥା'ନ୍ତି। କେହି କେହି ଏହାକୁ ଜଳ ଯୋଗ ମଧ୍ୟ କହିଥାନ୍ତି। ଏମିତି କେତେଜଣଙ୍କ ସମ୍ପର୍କରେ...।

ଜଳଉପରେ ଏମିତି ଯୋଗ କରିବାକୁ ହେଲେ ପହଁରାରେ ଦକ୍ଷତା ଓ ଶାରୀରିକ ସୁସ୍ଥତା ଥିବା ଜରୁରୀ। ତେବେ ବିଭିନ୍ନ ଜଳକ୍ରୀଡ଼ାର କେତେକ କୌଶଳ ଅବଲମ୍ବନ କରି ମଣିଷ ଜଳରେ ଭାସିପାରିବ। ଏଥିପାଇଁ ନିଃଶ୍ୱାସ ଓ ପ୍ରଶ୍ୱାସରେ ବାୟୁ ନିୟନ୍ତ୍ରଣର କୌଶଳ ଦରକାର। ଏହାଦ୍ୱାରା ଆକସ୍ମିକ ଭାବେ କେହି କେହି ହୁଏତ ଜଳରେ ବୁଡ଼ିବା ପୂର୍ବରୁ ନିଜକୁ ରକ୍ଷା କରିପାରିବେ।

**ଜଳରେ ଭାସମାନ କ୍ରିୟା ଏକାଗ୍ରତା ସୃଷ୍ଟିକରେ–** ସେ ଜଣେ ସୂଚନାକର୍ମୀ। ପ୍ରତିଦିନ ସକାଳେ ସ୍ନାନ କରନ୍ତି ମନ୍ଦାକିନୀ (ମଲାଗୁଣୀ)ନଦୀରେ। ତା'ସହିତ ଜଳରେ ଯୋଗ ଅଭ୍ୟାସ ବି କରନ୍ତି। ଆଜକୁ ପ୍ରାୟ ୧୨ବର୍ଷ ହେବ ସେ ନଦୀଜଳରେ ଯୋଗ କରିଆସୁଛନ୍ତି। ସେ ହେଉଛନ୍ତି ଖୋର୍ଦ୍ଧା ଜିଲା ଟାଙ୍ଗି ବ୍ଲକ ଅନ୍ତର୍ଗତ ସରପାରି ଗାଁର ସୁଦାମ ଚରଣ ସାହୁ। ବୟସ ପ୍ରାୟ ୪୬ ଟପିଲାଣି। କିନ୍ତୁ ତାଙ୍କ ମନରେ ସବୁବେଳେ ଫୂର୍ତ୍ତି ରହିଥାଏ। ସେ କୁହନ୍ତି –ସୁସ୍ଥ ରହିବା ପାଇଁ ସବୁବେଳେ ଘରେ ଯୋଗ କରୁଥିଲି। ମାତ୍ର ଯେତେବେଳେ ନଦୀକୁ ଗାଧୋଇ ଆସୁଥିଲି କିଛି ସମୟ ନଦୀଜଳରେ ପହଁରିଥାଏ। ସତ କହିବାକୁ ଗଲେ ଜଳ ଉପରେ କିପରି ପଦ୍ମାସନ କରିହେବ, କେମିତି ଆରାମରେ ଶବାସନରେ କିଛି ସମୟ ବିଶ୍ରାମ ନେଇପାରିବି, ଏମିତି ଭାବନା ସବୁଦିନ ମନରେ ଘାରିହେଉଥିଲା। ତେଣୁ ଯେତେବେଳେ ସକାଳୁ ନଦୀକୁ ଯାଏ, ପ୍ରଥମେ ଜଳରେ ଯୋଗାଭ୍ୟାସ ଆରମ୍ଭ କରେ। କିନ୍ତୁ ପ୍ରଥମେ ଠିକ୍‌ଭାବରେ ଶରୀରର ବାୟୁକୁ ନିୟନ୍ତ୍ରଣ କରି ନ ପାରିବାରୁ ନାକରେ ପାଟିରେ ପାଣି ପଶିଯାଉଥିଲା। ହେଲେ ଧୀରେ ଧୀରେ ଏମିତି ଯୋଗ ଅଭ୍ୟାସ କରି କରି ଜଳରେ ଆରାମରେ ଭାସିବା ଶିଖିଗଲି। କିଛି ବର୍ଷତଳେ କଟକ ଯାଇଥିଲି। ସେଠାରେ ମହାନଦୀ ଜଳରେ ଜଣେ ଲୋକ ଭାସୁଥିବାର ଦେଖିଥିଲି। କିଛି ସମୟ ପରେ ଜାଣିଲି ସେହି ବ୍ୟକ୍ତି ଜଣକ ଜଳରେ ଯୋଗ କରୁଥିଲେ। ଏଥିଯୋଗୁ ମୋ ମନରେ ଜଳଯୋଗ ପ୍ରତି ଅଧିକ ଆଗ୍ରହ ସୃଷ୍ଟି ହୋଇଥିଲା। ଆଉ ନଦୀରେ ଜଳକୌଶଳ ସହ ଯୋଗ ଅଭ୍ୟାସ କରିବା ଆରମ୍ଭ କଲି। ଏପରି କି ଜଳରେ ଯୋଗ ସମୟରେ  କିଛି ସମୟ ଜଳ ଉପରେ ଶୋଇ ପଡ଼ିଥାଏ। ମାତ୍ର ଜଳରେ ଯୋଗକଲେ ଏକାଗ୍ରତା ବଢ଼ିଥାଏ। ନିଃଶ୍ୱାସ ନେବା ବେଳେ କିଛିକ୍ଷଣ ବାୟୁକୁ ଅବରୋଧ କରିବାରେ ମୋ ଶିରାପ୍ରଶିରା ସକ୍ରିୟ ହୋଇଉଠେ ଓ ଶରୀର ଫୁର୍ତ୍ତି ଲାଗେ। ହଁ ଆମ ରାଜ୍ୟକୁ ଯେତେବେଳେ ବାହାରୁ କେହି ଜଣାଶୁଣା ଯଶସ୍ୱୀ ବ୍ୟକ୍ତି ଆସନ୍ତି, ସେମାନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ମନ୍ଦାକିନୀ ନଦୀରେ ଜଳଯୋଗ କରିଥାଏ। କରୋନା ମହାମାରୀ ସମୟରେ ଶରୀରକୁ ସୁସ୍ଥ ରଖିବା ପାଇଁ ପ୍ରତିଦିନ ସକାଳୁ ଜଳଯୋଗ କରିବା ସମୟରେ ଦେବଦେବୀଙ୍କ ମନ୍ତ୍ର ଜପ କରିଥାଏ। ଏହା ଦ୍ୱାରା ମତେ ଶାରୀରିକ ଓ  ମାନସିକ ଶାନ୍ତି ମିଳିଥାଏ। ଅନ୍ୟପକ୍ଷେ ବର୍ଷର ବିଭିନ୍ନ ସମୟରେ ଯଦି କେଉଁ ଦର୍ଶନୀୟ ସ୍ଥାନକୁ ବୁଲିବାକୁ ଯାଏ, ସେଠାରେ ଥିବା ପୋଖରୀ, ନଦୀରେ ଜଳଯୋଗ କରିଥାଏ– ଏମିତିରେ ବିନ୍ଦୁସାଗର, କୋଣାର୍କ, ଇନ୍ଦ୍ରଦ୍ୟୁମ୍ନ ପୋଖରୀ ଓ ଶ୍ୱେତଗଙ୍ଗା ଆଦି ପବିତ୍ର ପୋଖରୀରେ ଜଳଯୋଗ କରିପାରିଛି। ଏହା ଦ୍ୱାରା ଈଶ୍ୱରଙ୍କ ପ୍ରତି ମୋର ପ୍ରଗାଢ଼ ଭକ୍ତିଭାବ ଜାତ ହୋଇଥାଏ। କିନ୍ତୁ ମୋର ଏକ ଅଭିଳାଷ ରହିଛି। କେବେ ସୁଯୋଗ ଯଦି ମିଳିବ, ଯମୁନାରେ ଯାଇ ଏମିତି ଜଳଯୋଗ କରିବି।

**ଜଳଯୋଗ ଶରୀରକୁ ଅଧିକ କ୍ରିୟାଶୀଳ କରିଥାଏ–** ସେ ଜଣେ କ୍ରୀଡ଼ା ଶିକ୍ଷକ। ବିଭିନ୍ନ ଖେଳ ଖେଳନ୍ତି, ପୁଣି ଯୋଗାସନ ଓ ପ୍ରାଣାୟାମ ବି କରନ୍ତି। କିନ୍ତୁ ଚଳିତବର୍ଷ ଅଗଷ୍ଟ ୧୫ରେ ଜଳଯୋଗ ମାଧ୍ୟମରେ ଜାତୀୟପତାକାକୁ ସମ୍ମାନ ଜଣାଇବା ସହିତ ଜାତୀୟ ସଂଗୀତ ଗାନ କରିଥିଲେ। ଏଥିପାଇଁ ସ୍ଥାନୀୟ ଅଞ୍ଚଳରେ ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି। ସେ ହେଲେ, ଭଞ୍ଜକିଶୋର ଯତି। ଘର ବୋଲଗଡ଼ ବ୍ଲକ ଅନ୍ତର୍ଗତ ତୃତୀୟାପଡ଼ା ଗାଁରେ। ସେ କୁହନ୍ତି– ୧୯୯୧ ମସିହାରୁ ପରମାନନ୍ଦ ମହାବିଦ୍ୟାଳୟ, ବୋଲଗଡ଼ରେ ଜଣେ କ୍ରୀଡ଼ା ଶିକ୍ଷକଭାବେ ନିଯୁକ୍ତି ପାଇଛି। କିନ୍ତୁ ଆମ ଘର ନିକଟରେ ଥିବା ମାଟିଆପୋଖରୀକୁ ପ୍ରତିଦିନ ଗାଧୋଇବାକୁ ଯାଇଥାଏ। ସେଠାରେ ପ୍ରତିଦିନ ପହଁରି ଥାଏ। ପ୍ରଥମେ ପ୍ରଥମେ ଚିତ୍ତି ପହଁରା ଅଭ୍ୟାସ କରୁଥିଲି। ପାଣିରେ ପହଁରିଲାବେଳେ ନିଃଶ୍ୱାସକୁ କିଛି କ୍ଷଣ ଅବରୋଧ କରି ରଖିଥାଏ। ଏଥିଯୋଗୁ ଜଳରେ ଭାସିଲି। ପ୍ରତିଦିନ ଏମିତି କରିବାରେ ଜାଣିଲି ଯେ ଶରୀର ବିଭିନ୍ନ କୋଷକୁ ଅମ୍ଳଜାନ ମିଳିବାରେ ବୋଧେ ସୁବିଧା ହେଉଛି। ବିଭିନ୍ନ ସ୍ନାୟୁ ଏବଂ ଅଙ୍ଗପ୍ରତ୍ୟଙ୍ଗ ସକ୍ରିୟ ହୋଇପାରୁ ଥିବା →











ଅନୁଭବ କଲି। ଶରୀରରେ ବାୟୁ ସଞ୍ଚାଳନରେ ମତେ ଟିକେ ଭଲ ଲାଗିଲା। ତା'ପରେ ପାଣିରେ ଧୀରେ ଧୀରେ ପଦ୍ମାସନ କରିବା ଆରମ୍ଭ କଲି। ଏଥିରେ ସଫଳତା ପାଇଲି। ସେ ଯାହାହେଉ ଜଳରେ ଶରୀରକୁ ଏପରି କ୍ରୀଡ଼ା କୌଶଳ ଦ୍ୱାରା ମତେ ଆନନ୍ଦ ମିଳିଲା। ଏମିତି କି ଦିନେଦିନେ ପ୍ରାୟ ୩/୪ଘଣ୍ଟା ଏଥିରେ ମଜ୍ଜି ଯାଇଥାଏ। ତେବେ ସବୁଠୁ ବଡ଼କଥା ହେଲା, ଦେଶ ସ୍ୱାଧୀନତାର ୭୫ତମ ପୂର୍ତ୍ତି ଅବସରରେ ଜଳରେ ଯୋଗାସନ ଜରିଆରେ ଜାତୀୟପତାକାକୁ ସମ୍ମାନ ଜଣାଇ ଜାତୀୟ ସଂଗୀତ ଗାନ କରିଥିଲି। ସେଦିନ ମତେ ଦେଖିବା ପାଇଁ ଗାଁର ବହୁଲୋକ ପୋଖରୀ ହୁଡ଼ାରେ ଉପସ୍ଥିତ ହୋଇଥିଲେ। ଆଉ ଦିନକର ଘଟଣା। ସେତେବେଳେ ବୋଲଗଡ଼ ମହୋତ୍ସବ ଚାଲିଥାଏ। ସକାଳୁ ସକାଳୁ ପୋଖରୀରେ ଯୋଗ କରୁଥାଏ। ପୋଖରୀ ନିକଟଦେଇ ଯାଇଥିବା ରାସ୍ତାରେ ଲୋକମାନେ କିଛି ସମୟ ଅଟକିଯାଇ ମୋ ଉପରେ ନଜର ପକାଇଥିଲେ। ପୋଖରୀ ଜଳରେ କେହି ଜଣେ ମରି ଭାସୁଛି ବୋଲି ପ୍ରଥମେ ସନ୍ଦେହ କରିଥିଲେ। ମାତ୍ର ଦେଖଣାହାରୀମାନେ କିଛି ସମୟ ପରେ ଜାଣିପାରିଲେ ଯେ, ସେମିତି କିଛି ଅଘଟଣ ଘଟିନାହିଁ। ଜଳଯୋଗ ଯୋଗୁ ମତେ ଆଜିଯାଏ କୌଣସି ଜ୍ୱର ହୋଇନାହିଁ। ଶରୀର ଠିକ୍‌ଠାକ ରହିଛି। କରୋନା ମହାମାରୀ ସମୟରେ ଶରୀରକୁ କ୍ରିୟାଶୀଳ କରିବା ପାଇଁ ଜଳମଧ୍ୟରେ ଏପରି ଅଭ୍ୟାସ କରିଥିଲି। କିନ୍ତୁ ଏଥିପାଇଁ ପ୍ରଥମେ ପହଁରା ଅଭ୍ୟାସ ଓ ଶରୀର ସୁସ୍ଥ ଥିବା ଆବଶ୍ୟକ।

**ଜଳରେ ବିଭିନ୍ନ ମୁଦ୍ରା ପ୍ରଦର୍ଶନକରିବା ପୂର୍ବରୁ ପହଁରାରେ ପାରଙ୍ଗମଥିବା ଆବଶ୍ୟକ**-ପଥର, କାଠ ଓ କାନଭାସ ଉପରେ ସେ ସୃଷ୍ଟି କରିଥାନ୍ତି ବିଭିନ୍ନ ପ୍ରକାରର ପାରମ୍ପରିକ ହସ୍ତଶିଳ୍ପର କଳାକୃତି। ଅନ୍ୟପକ୍ଷେ ପାଣିରେ ପହଁରିବାରେ ସେ ପୂରା ପାରଙ୍ଗମ। ସେ ହେଲେ ବାଘମାରୀ ବଡ଼ସାହିର କଳ୍ପତରୁ ପଣ୍ଡା । ସେ କୁହନ୍ତି, ଆଜକୁ ପ୍ରାୟ୧୫ବର୍ଷ ତଳେ ଥରେ କଳାହାଣ୍ଡି ଜିଲାର ଏକ ଅଞ୍ଚଳକୁ ଯାଇଥିଲି। ସେଠାର ଏକ ନଦୀରେ କେତେକ ଆଦିବାସୀ ଯୁବକ ବହୁ ସମୟଧରି ଜଳରେ ପହଁରିବା ସହିତ ବିଭିନ୍ନ ଜଳକ୍ରୀଡ଼ା କୌଶଳ ଅବଲମ୍ବନକରି ବିଭିନ୍ନ ମୁଦ୍ରାରେ ଭାସୁଥିବା ଦେଖିଲି। ଏହାକୁ କେହିକେହି ଜଳରେ ଯୋଗ ବୋଲି କହୁଥିଲେ। ଏଥିପ୍ରତି ମନରେ ଆଗ୍ରହ ସୃଷ୍ଟି ହେଲା। ସେମାନଙ୍କ ସହିତ ସେଠାରେ ଏମିତି ପହଁରିବା ଓ ଭାସିବା ଅଭ୍ୟାସ ଶିଖିଲି। ଏଥିରେ ନିଜର ମନକୁ ସ୍ଥିର ରଖିବାକୁପଡ଼େ। ଅତି ସାବଧାନତାର ସହିତ ଏପରି ଅଭ୍ୟାସ କରିବାକୁ ପଡେ। ଏଥିପାଇଁ ନିଃଶ୍ୱାସ ପ୍ରଶ୍ୱାସରେ ନିୟନ୍ତ୍ରଣ ରଖିବାକୁ ହୁଏ। ଏପରି କରିବାରୁ ମନରୁ ଥକାପଣ ଟିକେ ଦୂର ହେଲା। ଜଳଯୋଗ କରି ଭାସମାନ ଭାବେ ଅତି ସହଜରେ ମୁଁ ପ୍ରାୟ୨/୩ଘଣ୍ଟା ଯାଏ ରହିପାରେ। ଗାଁରେ ପ୍ରତି ସପ୍ତାହରେ ଥରେ ପୋଖରୀକୁ ଗାଧୋଇବାକୁ ଗଲେ ସେଠାରେ ପ୍ରାୟ ଅଧଘଣ୍ଟା ଧରି ଏପରି ଜଳକ୍ରୀଡ଼ା କରିଥାଏ।

## ଏମାନେ ଯାହା କୁହନ୍ତି



ଶଙ୍କର୍ଷଣ ମଙ୍ଗରାଜ



ବାସୁଦେବ ପ୍ରଧାନ



ପ୍ରଦୀପ କୁମାର ପ୍ରଧାନ

**ଆକାଶବାଣୀର ଅବସରପ୍ରାପ୍ତ ଅନୁଚିନ୍ତା ଉଦ୍‌ଘୋଷକ ଶଙ୍କର୍ଷଣ ମଙ୍ଗରାଜ** କୁହନ୍ତି-ଈଶ୍ୱରଙ୍କ ସହିତ ନିତ୍ୟଯୁକ୍ତ ହୋଇ ରହିବାକୁ ଯୋଗ କୁହାଯାଏ। ଯୋଗ ଜୀବନକୁ ଭଗବତମୟ କରିଦିଏ। ଜୀବନର ଚଲାପଥକୁ କୁସୁମିତ କରିଦିଏ। ଶରୀର, ମନ, ବୁଦ୍ଧି ଏବଂ ଅନ୍ତର୍ନିହିତ ଶକ୍ତିକୁ ଯୋଗ ଉଜ୍ଜୀବିତ କରାଏ। ଠିକ୍ ମାର୍ଗରେ ଜୀବନ ବିତାଇବାର କଳା ଶିକ୍ଷାଇଦିଏ। ଯୋଗ କୌଣସି ଧର୍ମ ନୁହେଁ, ମାତ୍ର ଧାର୍ମିକ ବ୍ୟକ୍ତିଙ୍କୁ ଆଧ୍ୟାତ୍ମିକ ମାର୍ଗରେ ପ୍ରଗତି କରିବା ପାଇଁ ଯୋଗ କେତେକ କର୍ମକୁଶଳତା ଶିଖାଇଦିଏ। ଆଧୁନିକ ଯୁଗରେ ବହୁ ଲୋକ ଆସନ, ପ୍ରାଣାୟାମକୁ ଯୋଗ ବୋଲି ବୁଝନ୍ତି। କିନ୍ତୁ ତାହା ଠିକ୍ ନୁହେଁ। ଅବଶ୍ୟ ଯୋଗାସନ, ପ୍ରାଣାୟମ, ବନ୍ଧ, ମୁଦ୍ରା ଏବଂ କ୍ରିୟା ଇତ୍ୟାଦି ଯୋଗ ପାଇଁ ସାହାଯ୍ୟକାରୀ। ଶରୀର ଚର୍ଚ୍ଚାକୁ ଯୋଗ ବୋଲି ଅଧିକାଂଶ ଲୋକ ଧରିନେଇଥାନ୍ତି। ମାତ୍ର ଜଣେ ଅଭିଜ୍ଞ ଗୁରୁ କେବଳ ଶିଷ୍ୟଙ୍କୁ ଯୋଗ ମାର୍ଗ କ'ଣ ତାହା ଠିକ୍‌ଭାବେ ବତାଇ ଦେଇପାରନ୍ତି। କିନ୍ତୁ ଯୋଗ ମାର୍ଗରେ ଆଗ୍ରହୀ ସାଧକମାନଙ୍କୁ ଅଷ୍ଟାଙ୍ଗଯୋଗ ସାଧନା କରିବାକୁ ପରାମର୍ଶ ଦିଆଯାଇଛି। ସେଗୁଡ଼ିକ ହେଲା- ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଏବଂ ସମାଧି। ତେବେ ଯୋଗାସନ ଓ ପ୍ରାଣାୟାମ ଏକ ପ୍ରକାର ଉପଲବ୍ଧି। ଏହା ନିୟମିତ କରିବା ଦ୍ୱାରା ନିଶ୍ୱାସପ୍ରଶ୍ୱାସ ନିୟନ୍ତ୍ରଣରେ ରହେ। ଫଳରେ ଦେହ, ମନ ଏବଂ ପ୍ରାଣର ସାମଞ୍ଜସ୍ୟ ଠିକ ରହିପାରେ। ଅନ୍ୟପକ୍ଷେ ଜଳମଧ୍ୟରେ ଯୋଗସାଧନା କରିବାର ଅନେକ କାହାଣୀ ପୁରାଣଶାସ୍ତ୍ରରେ ବର୍ଣ୍ଣନା ହୋଇଛି।

**ଡାକ୍ତର ବାସୁଦେବ ପ୍ରଧାନ** କୁହନ୍ତି- ଯୋଗ ଅଭ୍ୟାସ ଦ୍ୱାରା ଉତ୍ତମ ମାନସିକ ସନ୍ତୁଳନ ଓ ମାନସିକ ଦକ୍ଷତାର ବୃଦ୍ଧି, ଶରୀରର କ୍ରିୟା ମଧ୍ୟରେ ସଂହତି ଓ ରୋଗ ପ୍ରତିରୋଧକ ଶକ୍ତିରେ ବୃଦ୍ଧି ହୁଏ। ମାଂସପେଶୀ ତଥା ଗଣ୍ଠିଜନିତ ଚଳନରେ ସ୍ୱାଚ୍ଛନ୍ଦ୍ୟ,ଫୁସଫୁସର ଦକ୍ଷତା ବୃଦ୍ଧି ଘଟେ। ଜୀବନଶୈଳୀ ଜନିତ ରୋଗ ସ୍ୱ-ପ୍ରତିରୋଧ ଜନିତ ଇତ୍ୟାଦିରେ ଉପଶମ ମିଳିଥାଏ। ମାତ୍ର କିଛି ଲୋକ କଟି ପର୍ଯ୍ୟନ୍ତ ପାଣିରେ ବସି ଯୋଗ କରିଥାନ୍ତି। ଏହାଦ୍ୱାରା କଟିସ୍ନାନର ଉପକାରିତାରେ କୋଷ୍ଠକାଠିନ୍ୟ ଦୂରହୁଏ। ଉଦରରେ ଉତ୍ପନ୍ନ ହେଉଥିବା ଅନେକ ସମସ୍ୟା ଦୂର ହୁଏ। ସେହିପରି କେହି ବ୍ୟକ୍ତି ଗଳାପର୍ଯ୍ୟନ୍ତ ପାଣିରେ ଠିଆ ହୋଇ ବିଭିନ୍ନସ୍ୱର ଉଚ୍ଚାରଣ କରିଥାନ୍ତି। ଏହାଦ୍ୱାରା ଗଳାଶୁଦ୍ଧ ହୁଏ। ସଂଗୀତସାଧନା କରିଥାନ୍ତି ଏହାଦ୍ୱାରା କଣ୍ଠସ୍ୱର ମଧୁର ହୁଏ। ତେବେ ଜଳରେ ଯୋଗକରିବା ସମୟରେ ଯୋଗଗୁରୁଙ୍କ ପରାମର୍ଶ ନେବା ନିତାନ୍ତ ଆବଶ୍ୟକ। ଆଉ ମୁକ୍ତ ବାୟୁ ଚଳାଚଳ ସ୍ଥାନରେ ଯୋଗ କରିବା ଉଚିତ। ସେହିପରି ଜଳରେ ପହଁରିବା ଦ୍ୱାରା ଶରୀରର ବ୍ୟାୟାମ ହୋଇଥାଏ। ଚର୍ମରେ ଲାଗିଥିବା ଝାଳ ଧୋଇଯାଏ, ଚର୍ମ ସଫାସୁତୁରା ରୁହେ, ଶରୀରର ଅଙ୍ଗପ୍ରତ୍ୟଙ୍ଗ ସତେଜ ହୁଏ, ରକ୍ତ ସଂଚାଳନ ଭଲହୁଏ, କ୍ଷୁଧା ବୃଦ୍ଧି ହୁଏ, ଉଦରଗତ ରୋଗ ଦୂର ହୁଏ, ମନ ପ୍ରସନ୍ନ ରୁହେ। ଠିଆ ପହଁରା, ଚିତିପହଁରା, ବୁଡ଼ାପହଁରା ବେଳେ ହାତରେ ଆହୁଲା କରିବାକୁ ପଡ଼ିଥାଏ। ଜଳକ୍ରୀଡ଼ାର ବିଭିନ୍ନ କୌଶଳ ଅବଲମ୍ବନକରି କେହି କେହି ଭାସମାନ ଅବସ୍ଥାରେ ସାବଧାନତାର ସହିତ ବିଭିନ୍ନମୁଦ୍ରାରେ ଜଳରେ ଯୋଗକୁ ପ୍ରଦର୍ଶନ କରିଥାନ୍ତି। ପ୍ରତିବର୍ଷ ଜୁନ ୨୧ତାରିଖକୁ ବିଶ୍ୱ ଯୋଗ ଦିବସ ଭାବେ ପାଳନ କରାଯାଇଆସୁଛି।

**ଆୟୁଷ ଯୋଗ ପ୍ରଶିକ୍ଷକ ପ୍ରଦୀପ କୁମାର ପ୍ରଧାନ** କୁହନ୍ତି- ପତଞ୍ଜଳି ଯୋଗଦର୍ଶନରେ ଯୋଗର ସମସ୍ତ କଥା ବର୍ଣ୍ଣିତ ହୋଇଛି। ଯୋଗ ହେଉଛି ଚିତ୍ତବୃତ୍ତି, ନିରୋଧର ସୂତ୍ର(ଯୋଗଦର୍ଶନ୧/୨)। ମାତ୍ର ମନ ଭିତରେ ଉଠୁଥିବା ବିଭିନ୍ନ ଚିନ୍ତା, ବିକାରଗୁଡ଼ିକୁ ନିରୋଧ କରିବା ହେଉଛି ଯୋଗର ମୁଖ୍ୟ ଉଦ୍ଦେଶ୍ୟ। ସେହିପରି ଶରୀର, ମନ, ବୁଦ୍ଧି ଏବଂ ଆତ୍ମା ମଧ୍ୟରେ ଏକତ୍ୱ ସ୍ଥାପନା କରିବା ହିଁ ସମସ୍ତ ଯୋଗର ଉଦ୍ଦେଶ୍ୟ। ମଣିଷର ପ୍ରତିଟି କ୍ରିୟା ହେଉଛି ଯୋଗ। ମାତ୍ର ଯୋଗ ଦ୍ୱାରା ଶରୀର ସୁସ୍ଥ ରହିବା ସହ ମାନସିକ ସ୍ତରରେ ଶାନ୍ତି ମିଳିଥାଏ। ନୀରୋଗ ରହିବାର ଏହା ହେଉଛି ସବୁଠୁ ବଳିଷ୍ଠ ମାଧ୍ୟମ।

ଅନ୍ୟପକ୍ଷେ ଅନେକ ସମୟରେ ଜଳରେ ବୁଡ଼ି ଅକାଳରେ କାହାରି ଜୀବନ ହାନିର ଅଘଟଣ ଖବର ଲୋକଲୋଚନକୁ ଆସୁଛି। ମାତ୍ର ପହଁରା ସହିତ ଜଳଯୋଗର ଅଭ୍ୟାସ ଥିଲେ ହୁଏତ ଏପରି ବିପଦରୁ ଆବଶ୍ୟକସ୍ଥଳେ ନିଜକୁ ବଞ୍ଚାଇ ହେବ।

-ବନବିହାରୀ ବେହେରା



ଭଞ୍ଜକିଶୋର ଯତି



ସୁଦାମ ଚରଣ ସାହୁ

# ପଫ୍ ସ୍ଲିଭ୍ ଫ୍ୟାଶନ





**ପଫ୍ ସ୍ଲିଭ୍‌ର ଫ୍ୟାଶନ୍ ମୁଖ୍ୟତଃ ବଙ୍ଗାଳୀ ମହିଳାଙ୍କ ଖୁବ୍ ପସନ୍ଦ। ସେମାନେ ବିଶେଷ କରି ବ୍ଲାଉଜରେ ଏହି ଡିଜାଇନ୍ କରି ପିନ୍ଧିବାକୁ ଭଲ ପାଇଥାନ୍ତି। କିନ୍ତୁ ଏହି ଟ୍ରେଣ୍ଡ ଧୀରେ ଧୀରେ ଫ୍ୟାଶନ ୱାର୍ଲ୍ଡକୁ ପ୍ରବେଶ କରିବା ଫଳରେ ମାର୍କେଟ୍‌ରେ ଏବେ ଅନେକ ଭେରାଇଟିର ପଫ୍ ସ୍ଲିଭ ଡ୍ରେସ୍ ଓ ଟପ୍ସ ମିଳିଲାଣି। ଆସନ୍ତୁ ଜାଣିବା ସେମିତି କିଛି ଆକର୍ଷଣୀୟ ପଫ୍ ସ୍ଲିଭ୍ ଆଉଟ୍‌ଫିଟ୍ ସମ୍ପର୍କରେ...**

**ପଫ୍ ସ୍ଲିଭ୍ କ୍ରପ୍ ଟପ୍ସ:** ଏହି ଟପ୍ସ ଟିକେ ବ୍ଲାଉଜ୍ ଡିଜାଇନ୍ ଭଳି ଦେଖାଯାଇଥାଏ। କିନ୍ତୁ ଏହାକୁ ହାଇ ୱେଷ୍ଟ ଜିନ୍ସ ସହ ପେୟାର୍ କରି ପିନ୍ଧିଲେ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ।

**ଡିଲାଇଟ୍ ବଟନ୍ ଡାଉନ୍:** ଏହା ଦେଖିବାକୁ ଏକ ସଲିଡ୍ କାଜୁଆଲ୍ ଶାର୍ଟ ପରି ହିଁ ଲାଗିଥାଏ। ସେହିପରି ଏଥିରେ ରାଉଣ୍ଡ କଲାର୍ ବି ଥାଏ। ମୁଖ୍ୟ କଥା ହେଉଛି, ଏଥିରେ ହୋଇଥିବା ପଫ୍ ସ୍ଲିଭ୍ ଡିଜାଇନ୍ ହିଁ ଏହି ଶାର୍ଟକୁ ଡିଫରେଣ୍ଟ ଲୁକ୍ ଦେଇଥାଏ, ଯାହାକୁ ଆପଣ ଚାହିଁଲେ ୱାର୍କପ୍ଲେସ୍‌କୁ ମଧ୍ୟ ଆରାମରେ ପିନ୍ଧିକି ଯାଇପାରିବେ।

**ପୋଲ୍‌କା ଡଟ୍ ପଫ୍ ସ୍ଲିଭ୍ ଟପ୍ସ:** ପୋଲ୍‌କା ଡଟ୍‌ର ଫ୍ୟାଶନ ସବୁବେଳେ ଚାଲିଥାଏ। ଖାସ୍ କରି ପଫ୍ ସ୍ଲିଭ୍‌ବାଲା ପୋଲ୍‌କା ଡଟ୍ ଟପ୍ସକୁ ମ୍ୟାଚିଂ ସ୍କର୍ଟ ସହ ପେୟାର୍ କରି ପିନ୍ଧିଲେ ଆଟ୍ରାକ୍ଟିଭ୍ ଲୁକ୍ ମିଳିଥାଏ। ତା'ସାଙ୍ଗକୁ ଯଦି ମ୍ୟାଚିଂ ଟ୍ରେଣ୍ଡି ବ୍ୟାଗ୍ ଓ ସନ୍‌ଗ୍ଲାସ୍ ମିଳିଗଲା ତା'ହେଲେ ତ ଲୁକ୍ ଆହୁରି ଆକର୍ଷଣୀୟ ଦେଖାଯାଇଥାଏ।

**ବୋଟ୍ ନେକ୍‌ବାଲା ପଫ୍ ସ୍ଲିଭ୍ ଟପ୍ସ:** ଯଦି ଆପଣଙ୍କୁ ଲାଟେଷ୍ଟ ଷ୍ଟାଇଲ୍‌ର ଟପ୍ସ ପିନ୍ଧିବା ପସନ୍ଦ, ତା'ହେଲେ ଏହି ଧରଣର ଟପ୍ସ ଆପଣଙ୍କ ପାଇଁ ଭଲ ଅପ୍ସନ ହେବ। କାରଣ ଏଥିରେ ହୋଇଥିବା ବୋଟ୍ ନେକ୍ ସହ ପଫ୍ ସ୍ଲିଭ୍ ଡିଜାଇନ୍ ହିଁ ଏହି ଟପ୍ସକୁ ମଡର୍ନ ଲୁକ୍ ଦେଇଥାଏ। ଏହା ହାଇ ୱେଷ୍ଟ ଜିନ୍ସ ସହ ପର୍‌ଫେକ୍ଟ ମ୍ୟାଚ୍ କରିଥାଏ।

**ପଫ୍ ସ୍ଲିଭ୍ ଡ୍ରେସ୍:** ପୂଜାପାର୍ବଣ ସମୟରେ ପଫ୍ ସ୍ଲିଭ୍ ବାଲା ଲଙ୍ଗ୍ ଡ୍ରେସ୍ ପିନ୍ଧିଲେ ଲୁକ୍ ଟିକେ ଡିଫରେଣ୍ଟ ଲାଗିଥାଏ। କିନ୍ତୁ ଧ୍ୟାନ ଦେବେ, ସେହି ଡ୍ରେସ୍ ଯେମିତି ବ୍ରାଇଟ୍ କଲର୍‌ର ନ ହୋଇ ଲାଇଟ୍ କଲର୍‌ର ହୋଇଥିବ।

**ପଫ୍ ସ୍ଲିଭ୍ ଫ୍ରକ୍:** ପଫ୍ ସ୍ଲିଭ୍‌ବାଲା ଫ୍ରକ୍ ବି ଟିକେ ଭିନ୍ନ ଲୁକ୍ ପ୍ରଦାନ କରିଥାଏ। ଏହାକୁ ଯେକୌଣସି ଅକେଜନ୍‌ରେ ଆପଣ ଟ୍ରାଏ କରିପାରିବେ।

**ପଫ୍ ସ୍ଲିଭ୍ କୁର୍ତ୍ତା:** କୁର୍ତ୍ତାରେ ହୋଇଥିବା ପଫ୍ ସ୍ଲିଭ୍‌ର ଡିଜାଇନ୍ ବି ଭିନ୍ନ ଲୁକ୍ ଦେଇଥାଏ। ଖାସ୍‌କରି ଏହାକୁ ପ୍ଲାଜୋ ସହିତ ପେୟାର୍ କଲେ ଭଲ ମାନିଥାଏ।

**ପଫ୍ ସ୍ଲିଭ୍ ବ୍ଲାଉଜ୍:** ଏହା ବଙ୍ଗାଳୀ ମହିଳାମାନଙ୍କର ଖୁବ୍ ପସନ୍ଦ। ହେଲେ ଏବେ ଅନ୍ୟମାନେ ବି ଏହାକୁ ଟ୍ରାଏ କରୁଥିବା ଦେଖିବାକୁ ମିଳୁଛି। ଏ ଷ୍ଟାଇଲ୍‌ର ବ୍ଲାଉଜ୍ ସବୁ ଫାବ୍ରିକ୍‌ର ଶାଢ଼ି ସହ ବେଶ୍ ଭଲ ମାନିଥାଏ।










# ମହାପ୍ରଭୁଙ୍କ ଚେତନାରେ ଜୀବନ ହୁଏ ମଧୁମୟ




ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିର ପ୍ରଚାରପ୍ରସାର ଓ ଗବେଷଣାରେ ମନୋନିବେଶ କରି ସେ ବହୁ ବିରଳ ତଥା ପୁରାତନ ପୁସ୍ତକ ଓ ପୋଥିକୁ ସଂଗ୍ରହ କରିଛନ୍ତି। ତଥ୍ୟସମ୍ବଳିତ ଏକାଧିକ ଗବେଷଣାଧର୍ମୀ ଆଧ୍ୟାତ୍ମିକ ଓ ପୌରାଣିକ ପୁସ୍ତକ ରଚନା କରି ସେ ଆତ୍ମସନ୍ତୋଷ ଲାଭ କରନ୍ତି। ସେ ହେଲେ ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ ତଥା ଶିକ୍ଷାବିତ୍ **ଡ. ସୁରେନ୍ଦ୍ର ନାଥ ଦାଶ।** ଏକ ଧାରାରେ ଜଣେ ଶିକ୍ଷାବିତ୍, ଭାଷ୍ୟକାର, ଲେଖକ ଓ ବାଗ୍ମୀ। ଖୋର୍ଦ୍ଧା ଜିଲା ଟାଙ୍ଗୀଥାନା ଅନ୍ତର୍ଗତ କୁହୁଡ଼ି ଅଞ୍ଚଳର ରତନପୁର ବ୍ରାହ୍ମଣ ଶାସନରେ ତାଙ୍କ ଘର। ଜନ୍ମ ୧୧।୦୧।୧୯୪୯ରେ। ପିତା ଉଦ୍ୟନାଥ ଦାଶ, ମା' ବାୟାଣୀ ଦେଈ। ସେ କୁହନ୍ତି, ମା'ବାପାଙ୍କର ଆମେ ଥିଲୁ ୪ପୁଅଝିଅ। ତିନି ଭାଇ ଓ ଗୋଟେ ଭଉଣୀଙ୍କ ଭିତରେ ମୁଁ ଥିଲି ସବାସାନ। ପିଲାଟି ଦିନରୁ ଗାଁର ପତିତପାବନ ଦେବଙ୍କ ପୀଠରେ ପୂଜା ଆରାଧନା କରେ, ପୁରାଣ ପଢ଼େ, ଜଣାଣ ଗାଏ, ଶ୍ଳୋକ ଉଚ୍ଚାରଣକରେ। ମୋ ପାଠପଢ଼ାରେ ପରିବାରରେ ସମସ୍ତଙ୍କ ତ୍ୟାଗ ରହିଛି। କ୍ଷେତ୍ରବାସୀ ମ.ଇ ସ୍କୁଲ କୁହୁଡ଼ିରେ ପ୍ରାଥମିକ ପାଠପଢ଼ା ସାରିପରେ ଜନତା ଉଚ୍ଚବିଦ୍ୟାଳୟରୁ ୧୯୬୬ରେ ଏକାଦଶ ପାସ୍ କରି ଗୋଦାବରୀଶ ମହାବିଦ୍ୟାଳୟରେ ପ୍ରି-ୟୁନିଭର୍ସିଟି, ରେଭେନ୍ସାରେ ଗ୍ରାଜୁଏଶନ୍ ଓ ବାଣୀବିହାରରେ ଓଡ଼ିଆରେ ସ୍ନାତକୋତ୍ତର କଲି। ତା'ପରେ୧୭।୦୯।୧୯୭୩ ମସିହାରେ କେନ୍ଦୁଝର କଲେଜରେ ପ୍ରାୟ ଦୁଇ ବର୍ଷ ଆଡହକ୍‌ରେ ଓଡ଼ିଆ ଅଧ୍ୟାପକ ଭାବେ ଚାକିରି କରିଲି। ପରେ ଓଡ଼ିଶା ସୂଚନାସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସରକାରୀ ଲୋକସମ୍ପର୍କ ଅଧିକାରୀ ଭାବେ ସୁନ୍ଦରଗଡ଼ରେ ୭ମାସ ଓ ସମ୍ବଲପୁରରେ ୮ମାସ କାମ କରିଥିଲି। ମାତ୍ର ଅଧ୍ୟାପନା ପ୍ରତି ମନରେ ଅଧିକ ଆଗ୍ରହ ହେବାରୁ ଓଡ଼ିଶା ଏଜୁକେଶନ ସର୍ଭିସ୍ ଏକ୍‌ଜାମ୍ ଦେଇ କୃତକାର୍ଯ୍ୟ ହେଲି। ଆଉ ୧୯୭୮ରେ ପାରଳାଖେମୁଣ୍ଡିସ୍ଥିତ ଏସ୍.କେ.ସି.ଜି. କଲେଜରେ ଓଡ଼ିଆ ଅଧ୍ୟାପକ ଭାବେ ଯୋଗଦେଲି। ପ୍ରାୟ ୬/୭ ବର୍ଷ କାମ କରିବା ଭିତରେ ଦୁଇବର୍ଷ ଛୁଟିରେ ରହି ଉତ୍କଳ ବିଶ୍ୱବିଦ୍ୟାଳୟରେ ପିଏଚ୍.ଡି. କଲି। ପ୍ରଫେସର୍ ଡ. ବଂଶୀଧର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଓଡ଼ିଆ ଚଉତିଶା ଉପରେ ଗବେଷଣା ସନ୍ଦର୍ଭ ଲେଖି ୧୯୮୪ରେ ଡକ୍ଟରେଟ୍ ଡିଗ୍ରୀ ହାସଲ କଲି। ତେବେ ପ୍ରଫେସର୍ ଡ. ବଂଶୀଧରଙ୍କ ସଂସ୍ପର୍ଶରେ ଆସି ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଅଧିକ କିଛି ଜାଣିବାପାଇଁ ମନରେ ଆଗ୍ରହ ସୃଷ୍ଟି ହେଲା। ଆମେ ଦୁହେଁ ମିଶି 'ଶ୍ରୀଜଗନ୍ନାଥ' ନାମରେ ଏକ ପତ୍ରିକା ପ୍ରକାଶ କଲୁ। ଏହାପରେ ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ ନାମରେ ଏକ ଅନୁଷ୍ଠାନ ଗଢ଼ିଲୁ ; ଯାହାର ସଭାପତି ଥିଲେ ପ୍ରଫେସର୍ ଡ. ମହାନ୍ତି ଆଉ ମୁଁ ଥିଲି ସାଧାରଣ ସମ୍ପାଦକ। ଉକ୍ତ ପ୍ରତିଷ୍ଠାନ କଥା ବୁଝିବା ସହ ଏସ୍.କେ.ସି.ଜି. କଲେଜରେ ଅଧ୍ୟାପନା ବି କରୁଥିଲି। ପରେ ରାଜଧାନୀ କଲେଜରେ ୫ ବର୍ଷ ଅଧ୍ୟାପନା କଲି। ତା'ପରେସମୟକ୍ରମେ ବିଜେବି କଲେଜରେ ୪ଦିନ କାର୍ଯ୍ୟକରି ଜୁଲାଇ ୧୯୯୦ରେ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ପ୍ରାଧ୍ୟାପକ ଭାବେ ଯୋଗଦେଲି। ମହାପ୍ରଭୁଙ୍କ ଆଶୀର୍ବାଦରୁ ସବୁ ଠିକ୍‌ଠାକ୍ ହୋଇ ୧୯୯୯ରେ ପ୍ରଫେସର୍ ଭାବେ ପ୍ରମୋଶନ ପାଇଲି। ୟା'ଭିତରେ ମୋ ତତ୍ତ୍ୱାବଧାନରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏମ୍‌ଫିଲ୍, ୨ ଜଣ ଡି.ଲିଟ୍ ଏବଂ ୪୦ରୁ ଊର୍ଦ୍ଧ୍ୱ ଗବେଷକ, ଗବେଷିକା ପିଏଚ୍.ଡି. ଡିଗ୍ରୀ ହାସଲ କରିସାରିଲେଣି। ଉତ୍କଳ ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ଓ ସାଂସ୍କୃତିକ ସଂସ୍ଥା ସହିତ ଜଡ଼ିତ। ଏହା ସହ ଓଡ଼ିଆ ସମ୍ମିଳନୀ, ପରିଚୟ ଆଠଗଡ଼, ଡ. ହରେକୃଷ୍ଣ ମହତାବ ସିଲଭର ମେଡ଼ାଲ, ସତ୍ୟ ସନ୍ଧାନ ପୁରୀ, କଳିଙ୍ଗସାହିତ୍ୟ ସମାଜ ବ୍ରହ୍ମପୁର, ଅନ୍ୟାନ୍ୟ ଶ୍ରୀଜଗନ୍ନାଥ -୨୦୧୫, ଭୁବନେଶ୍ୱର ଭଞ୍ଜଭାରତୀ-୨୦୧୬ ଓ ଗାଁ ଲୋକକଳା ଉତ୍ସବ-୨୦୧୯ ରତନପୁର ଆଦି ବହୁ ଅନୁଷ୍ଠାନରୁ




ଅନେକ ସମ୍ମାନ ଓ ପୁରସ୍କୃତ ହୋଇଛି। ୨୦୦୯ରେ ଚାକିରିରୁ ଅବସର ପରେ ମୋତେ ୟୁଜିସି ତରଫରୁ ତିନୋଟି ପ୍ରୋଜେକ୍ଟ ଉପରେ କାମ କରିବାର ଦାୟିତ୍ୱ ମିଳିଥିଲା। ଓଡ଼ିଶାରେ ଶ୍ରୀଜଗନ୍ନାଥ ମନ୍ଦିର, ଭାରତରେ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ଶ୍ରୀମନ୍ଦିର ଭିତରେ ଯେଉଁ ପାରମ୍ପରିକ ଶବ୍ଦର ବ୍ୟବହାର କରାଯାଉଛି ତା' ଉପରେ ଗବେଷଣା କରିବାକୁ ଯାଇ ମୁଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଥିବା ପ୍ରାୟ ୧୬୩୧ଟି ଏବଂ ଭାରତର ବିଭିନ୍ନ ସ୍ଥାନରେ ଥିବା ପ୍ରାୟ ୩୭୨୧ଟି ଶ୍ରୀଜଗନ୍ନାଥ ମନ୍ଦିରର କ୍ଷେତ୍ରୀୟ ସର୍ବେକ୍ଷଣ କରି ତା'ର ଇତିହାସ ସଂଗ୍ରହ କରିଥିଲି। ସିଙ୍ଗାପୁର, ମାଲେସିଆ, ଦୁବାଇ, ୟୁନାଇଟେଡ଼ କିଙ୍ଗଡ଼ମ, ନେପାଳ, ଥାଇଲାଣ୍ଡ ଆଦି ବିଦେଶରାଷ୍ଟ୍ରକୁ ବୁଲିଯାଇଛି। ଇଂଲିଶ ଭାଷାରେ 'ମହାପ୍ରଭୁ ଶ୍ରୀଜଗନ୍ନାଥ: ଦି ଲର୍ଡ ଅଫ୍ ଦି ୟୁନିଭର୍ସ' ନାମରେ ଏକ ପୁସ୍ତକ ଦିଲ୍ଲୀ ପ୍ରତିଭା ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ହେଲା। ସେହିପରି ମନ୍ଦିରରେ ଯେଉଁ ପାରମ୍ପରିକ ଶବ୍ଦର ବ୍ୟବହାର କରାଯାଏ ତା' ଉପରେ ଗବେଷଣା କରି 'ଶ୍ରୀମନ୍ଦିର ଶବ୍ଦକୋଷ' ନାମରେ ଆଉ ଏକ ବହି ବି ମୋର ପ୍ରକାଶ ପାଇଲା। ପରବର୍ତ୍ତୀ କାଳରେ ଶ୍ରୀମନ୍ଦିର ସମ୍ପର୍କରେ ବିଭିନ୍ନ ରିପୋର୍ଟ, ବିଭିନ୍ନ କମିଶନଙ୍କ ସୁପାରିସ, ଭକ୍ତ ଓ ସେବାୟତଙ୍କ ଦ୍ୱାରା ଶ୍ରୀମନ୍ଦିରକୁ ଆଧାରିତ କରି ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶନାମାକୁ ନେଇ ଅନ୍ୟ ଏକ ପୁସ୍ତକ 'ରିପୋର୍ଟର୍ସ ଆଣ୍ଡ ନୋଟିସ ଅନ୍ ଶ୍ରୀଜଗନ୍ନାଥ ଟେମ୍ପୁଲ ପୁରୀ' ୨୦୧୮ରେ ପ୍ରକାଶିତ ହେଲା। ଏମିତିରେ ଟୀକା ଗୋବିନ୍ଦଚନ୍ଦ୍ର, ଶାକ୍ତଧର୍ମ ଓ ଶ୍ରୀଜଗନ୍ନାଥ, ଉଧବ ଚଉତିଶା, ଶିବସହସ୍ରନାମ, ଶ୍ରୀଜଗନ୍ନାଥ ସଂସ୍କୃତି, ଓଡ଼ିଆ ଭାଷାସାହିତ୍ୟ ସଂସ୍କୃତି, କାଞ୍ଚି କାବେରୀ, ପାରମ୍ପରିକ ଧର୍ମ, ପୂର୍ବଭାରତ ଓ ଶ୍ରୀଜଗନ୍ନାଥ ପୁରୁଷୋତ୍ତମ, ଭୁବନେଶ୍ୱରୀ, ଓଡ଼ିଆ ସାହିତ୍ୟ ଯୁଗେଯୁଗେ, ମହାପ୍ରଭୁ ଶ୍ରୀଜଗନ୍ନାଥ, ପୌରାଣିକ ଶବ୍ଦକୋଷ, ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଆଦି ଏକାଧିକ ପୁସ୍ତକ ରଚନା କରିସାରିଲାଣି। କେବଳ ଓଡ଼ିଶା କାହିଁକି ଭାରତ ବାହାରେ ମଧ୍ୟ ଶ୍ରୀଜଗନ୍ନାଥ ଚେତନାର ପ୍ରଚାର ଓ ପ୍ରସାର କାର୍ଯ୍ୟରେ ଯୋଗଦେଇ ଆନନ୍ଦ ପାଇଥାଏ। ଏସବୁ କାର୍ଯ୍ୟକ୍ରମକୁ ସଫଳ କରିବାରେ ମହାପ୍ରଭୁଙ୍କ ଆର୍ଶୀବାଦ ସହିତ ପ୍ରତିଷ୍ଠାନର ମୁଖ୍ୟ ପୃଷ୍ଠପୋଷକ ଶ୍ରୀଯୁକ୍ତ ଅଲେଖ କୁମାର ଦାସଙ୍କ ସହଯୋଗ ଚିରସ୍ମରଣୀୟ। ପରିଶେଷରେ ଏତିକି କହିବି, ଶ୍ରୀଜଗନ୍ନାଥ ଚେତନା ଏକ ଚିରନ୍ତନ ଶାଶ୍ୱତ ଚେତନା, ଏହାଦ୍ୱାରା ଅନୁପ୍ରାଣିତ ହେଲେ ବ୍ୟକ୍ତି ତା'ର ଜୀବନକୁ ସରସ, ସୁନ୍ଦର, ମଧୁମୟ କରିବା ସଙ୍ଗେ ସଙ୍ଗେ ସମଗ୍ର ମାନବ ସମାଜକୁ ବସୁଧୈବ କୁଟୁମ୍ବକମ୍ ଚେତନାରେ ଉଦ୍‌ବୁଦ୍ଧ କରିପାରିବ।

**-ବନବିହାରୀ ବେହେରା**









# ଆଗମନୀ

-ସୁଜାତା ମିଶ୍ର

ତୁମେ ଆସିଲା ବେଳକୁ
ଫେରି ଯାଇଥିଲା ମୌସୁମୀ,
ଧଳା ମେଘର ଓଢଣୀ ତଳେ
ମୁହଁ ଲୁଚାଇଥିଲା କୁଆଁରୀ ଜହ୍ନ,
ବିଜୁଳି ଯାଉ ଥିଲା ଫେରି
ପାଦ କଚାଡ଼ି ..
ପୁଳାଏ ଆଣ୍ଟକୁ ଗଣ୍ଠି କରି
ଫେରୁ ଥିଲା ଘଡ଼ଘଡ଼ି..
ସବୁଜ ପଣତ ମେଲାଇ
କାଚ କେନ୍ଦୁ ପାଣିରେ
ମୁହଁ ଦେଖୁଥିଲା ଧାନ କ୍ଷେତ,
ଫର ଫର ଉଡୁଥିଲା ଗାଆଁ ମୁଣ୍ଡ
ଦେଉଳର ନେତ..,
ତୁମ କଜ୍ଜଳ କଳା କେଶରେ
ପଡ଼ିଥିଲା ଅଶିଣ ସକାଳର
ବିନ୍ଦୁ ବିନ୍ଦୁ କାକର ..
ଘାସ ଫୁଲ ଆଖି ମିଟ୍ ମିଟ୍
କରୁଥିଲା..
ପାଦ ତଳେ ତୁମର..,
ପଣତ ସାରା ବିଛାଡି ହୋଇ ଗଲା
କମଳା ରଂଗ ଧଡ଼ିରେ
ଧଳା ପାଟ ପିନ୍ଧା ଗୋଛାଏ
ଗଙ୍ଗ ଶିଉଳୀ ଫୁଲ..!
ରାତି ଆସୁଥିଲା ଜହ୍ନି ଫୁଲେ
ଫୁଲେ..ଗାଆଁ ଦାଣ୍ଡ
କିଆ ଗୋହିରିରେ..
ନଈ ପଠା ଝୁମୁଥିଲା କାଶତଣ୍ଡୀର
କୋମଳ କୋଳାହଳରେ..,
ତୁମେ ଫେରୁଥିଲ ତୁମ ନିଜ
ଭିତରକୁ ...
କ୍ଳାନ୍ତିର ପରିଧି ଡେଇଁ
ପକ୍ଷୀର କବିତା ହୋଇ
ଭିଜି ଭିଜି ଗୋଧୂଳିର
ନୀଡ଼ ଫେରା ଉଚ୍ଛ୍ୱାସରେ..
ସନ୍ଧ୍ୟା ଦୀପର ବିଶ୍ୱାସରେ..
ମନ୍ଦିରର ଧୂପ ଝୁଣା ଆଳତିରେ..
ଆତ୍ମାର ଆହ୍ୱାନକୁ
ଖୋଜି ଖୋଜି ହୃଦୟ ଭିତରେ
ନିଶବ୍ଦରେ..!

-କସ୍ମୋପଲିସ୍,
ଭୁବନେଶ୍ୱର
ମୋ:୯୪୩୭୧୧୭୦୮୪

# ସଚେତକ

-ଶିବ ସୁନ୍ଦର ପାଣିଗ୍ରାହୀ

କରୋନା ର ପ୍ରଥମ ଲହର ବେଳକୁ ସେ' ହୁଏତ ଖୁବ୍ ଛୋଟ ଥିଲା। ଲକଡାଉନ୍ ଲାଗୁହେବା ଆଗରୁ ମୁଁ ଯେତେବେଳେ ବଜାର ପାଇଁ ବାହାରେ, ସେ' ବି ମୋ'ସହ ପ୍ରସ୍ତୁତ ହୋଇ ପଡୁଥାଏ । ବେଳେବେଳେ ମନୋହର ଦୋକାନ ଆଗରେ ବସ୍, ଟ୍ରକ୍ ଭଳି ଖେଳନାମାନଙ୍କ ପାଇଁ ହେଉ ତ ଆଉ କେତେବେଳେ ଚକୋଲେଟ୍ କି ଚିପ୍ସ ପ୍ୟାକେଟ୍ଟେ ପାଇଁ ଅଳି କରେ । ଲକଡାଉନ୍ ବେଳକୁ ସ୍ୱଳ୍ପ ସମୟର କୋହଳ ନୀତି ବେଳେ ତରବର ହୋଇ ସଉଦା ପାଇଁ ଯିବା ସମୟରେ ସଂକ୍ରମଣର ଭୟ ହେଉ କି ତଣ୍ଡ ଗଣିବା ଭୟରେ, ନୂଆକରି ମାସ୍କଟେ କିଣ୍ଟୁ ପିନ୍ଧିବାକୁ ପଡୁଥିଲା । ସେତେବେଳେ ସେ' ବି ମାସ୍କ ପିନ୍ଧି ମୋ' ସହ ଯିବାପାଇଁ ଆଗ୍ରହ ବ୍ୟକ୍ତକରେ । କିନ୍ତୁ ବୁଝେଇ ଦେଲେ ସେ' ବୁଝିଯାଏ । ଯିବାପାଇଁ ଜିଦ୍ କରେନାହିଁ ।

ଦ୍ୱିତୀୟ ଲହର ବେଳକୁ ସେ' ହୁଏତ କିଛିକିଛି ଜାଣି ସାରିଥିଲା। ସ୍କୁଲ ଛୁଟିଥିବା ଯୋଗୁଁ ବାହାରକୁ ଆଦୌ ଯାଉ ନଥିଲା। ମୋବାଇଲ ସହ ଖୁବ୍ ପରିଚିତ ହେଲାପରେ ଅନଲାଇନ୍‌ରେ ରକମ ରକମର ଖେଳନା ଅର୍ଡର କରିବାକୁ ଅଡି ବସୁଥିଲା । ଅଫିସ ଯିବା ସମୟରେ ମୋ' ହାତରେ ମାସ୍କଟେ ଧରେଇ ଦେଇ ତାଗିଦ୍ କଲାଭଳି ସ୍ୱରରେ କହୁଥିଲା

- "ପାପା ! ମନେ ଅଛି ନା ? ହାତକୁ ବାରମ୍ବାର ସାନିଟାଇଜ୍ କରୁଥିବ ଯେ !'

ଅଫିସରୁ ଫେରିବାପରେ ଧୁଆଧୋଇ ହୋଇସାରି ମୋ' ପୋଷାକ ୱାଶିଂମେସିନ ଭିତରକୁ ନଯିବା ପର୍ଯ୍ୟନ୍ତ ସେ' ମୋ' ପାଖ ମାଡୁ ନ ଥିଲା ।

ଅନେକ ଦିନ ପର୍ଯ୍ୟନ୍ତ ଭୟାତୁର ହୋଇ ସଂକ୍ରମଣ ସହ ଜୀବନକୁ ଆଡଜେଷ୍ଟ କରୁକରୁ ବର୍ତ୍ତମାନ ଭଳି ଛାଡମେଲା ସ୍ଥିତିରେ କରୋନାର ପ୍ରକୋପ କମି କମି ଆସିଲା ବେଳକୁ ମଣିଷ ବି ଆସ୍ତେ ଆସ୍ତେ ବେପରୁଆ ହୋଇଯାଏ। ସବୁକିଛି ଠିକ୍ ଥିଲା ଭଳି ମୁହଁ ତଳକୁ ମାସ୍କ , ସାମାଜିକ ଦୂରତା ନମାନିବା ଆଦି ଧୀରେ ଧୀରେ ଅଭ୍ୟାସରେ ପରିଣତ ହୋଇଯାଏ। ପାପୁଲି ଦ୍ୱୟକୁ ବିଶୋଧନ କରିବାର ଇଚ୍ଛା ଆଦୌ ଜାଗ୍ରତ ହୁଏନାହିଁ । କେଜାଣି କାହିଁକି ମନରେ ଆଗଭଳି ଆଉ ଭୟ ସଞ୍ଚାର ହୁଏନାହିଁ ଜମା ।

ଆଜି ସକାଳେ ବଜାର ପାଇଁ ବାହାରିବା ବେଳକୁ ସେ' ମୋ' ପାଖରେ ଆସି ଛିଡାହେଲା । ବୋଧେ' ମୋ' ସହ ଯିବାପାଇଁ ଚାହୁଁଥିବ ଭାବି ପ୍ରଶ୍ନ କଲି।

- ଆଜି କ'ଣ ତୁ ମୋ' ସହିତ ଯିବୁ ?

ତା' ନିରୀହପଣକୁ ମୋ' ସାମ୍ନାରେ ଥୋଇଦେଇ ଅତି ନମ୍ର ଗଳାରେ କହିଲା-

- "ପାପା ! ମୁଁ ଦେଖୁଛି ଆଜିକାଲି ତମେ ଭାରି ଖାମଖିଆଲି ହୋଇଗଲଣି ।"

ମୋ' ହାତରେ ପୁରୁଣା ସାନିଟାଇଜର ବୋତଲଟିକୁ ଧରେଇ ଦେଇସାରି ପୁଣି କହିଲା..

-" ତମେ କହୁଥିଲ ପରା ଆଗକୁ କୁଆଡେ ଥାର୍ଡ ୱେଭ୍ ଆସୁଛି ବୋଲି ! ନିଜ ସହ ଆମ ଖୟାଲ ବି ତ ଟିକେ ରଖନା ପାପା.. ପ୍ଲିଜ୍.. ।"

ଏବେ ତା' ସଚେତନ ଟିକି ଚେହେରା ଆଗରେ ମୋ' ସତୁରୀ କେ.ଜି.ର ବିଜ୍ଞତା କ୍ରମଶଃ ଫିକା ପଡି ଆସୁଥିଲା ।

-କ୍ୱାର୍ଟର ନଂ - ଏନ୍ ଡି - ୦୫/୦୮
ଜେ ଜେ ପୁର, ରାୟଗଡ
ମୋ :୮୦୧୮୮୩୮୩୭୮



# ଘାରିଛି ପରିବେଶ ନିଶା


ଭୂମି

ଭୂମି ପେଦେନ୍‌କରଙ୍କ ମୁଣ୍ଡକୁ ଏବେ ଏକ ନୂଆ କଥା ଜୁଟିଛି। ଅଭିନୟ ତ ଚାଲୁ ରହିବ, ତା’ ସହ ଆଉ ଏକ କ୍ଷେତ୍ରରେ ପାଦ ରଖୁଛନ୍ତି ସେ। ତାହା ହେଲା ପରିବେଶ ସୁରକ୍ଷା। କଥା କ’ଣ କି ନିକଟରେ ସେ ଏକ ଅନଟାଇଟଲଡ୍ ଫିଲ୍ମର ଶୁଟିଂ ପାଇଁ ଯାଇଥିଲେ। ବାଟରେ ତାଙ୍କର ପ୍ରଦୂଷିତ ପରିବେଶ ଉପରେ ନଜର ପଡିଲା। ବାସ୍, ତା’ପରେ ଏହାର ସୁରକ୍ଷା ପାଇଁ ନିଜ ପଟରୁ ସେ କ’ଣ କରିପାରିବେ ଯୋଜନା ପ୍ରସ୍ତୁତ କରିବାରେ ଲାଗିପଡିଛନ୍ତି। ଏ ନେଇ ଭୂମି କହନ୍ତି, ‘ବର୍ତ୍ତମାନ ପରିବେଶର ସୁରକ୍ଷା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏ ନେଇ ମୁଁ ଏବେ ନୂଆ ଯୋଜନା ଆରମ୍ଭ କରିଛି। ଏଥିପାଇଁ ଏକ ସଂସ୍ଥା ଗଠନ କରିବା ସହ କିଛି ଲୋକଙ୍କୁ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ପାଇଁ ନିୟୋଜିତ ରଖିବି। ତା’ସହ ଏ ନେଇ କେତୋଟି ସର୍ଟ ଫିଲ୍ମ ପ୍ରସ୍ତୁତ କରିବାକୁ ଯୋଜନା ରହିଛି। ଏ କ୍ଷେତ୍ରରେ ମୁଁ ପ୍ରତ୍ୟକ୍ଷ ଭାବରେ ଜଡିତ ରହିବି।’


ବରୁଣ

# କେଶ ବିନ୍ୟାସ ପାଇଁ..

ବରୁଣ ଧାୱନ। ବଲିଉଡ୍‌ର ଅନ୍ୟତମ ନାମୀ ନିର୍ଦ୍ଦେଶକ ଡେଭିଡ୍ ଧାୱନଙ୍କ ପୁଅ ଇତି ମଧ୍ୟରେ ବେଶ୍ କେତୋଟି ହିଟ୍ ସିନେମାରେ ଅଭିନୟ କରିସାରିଲେଣି। ତାଙ୍କର ଏକ ଅଜବ ସଉକ ଅଛି। ମେକଅପ ନେବା ସମୟରେ ସେ ନିଜର କେଶ ବିନ୍ୟାସ ପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତି। ବେଳେବେଳେ ସେ ଏଥିପାଇଁ ଘଣ୍ଟାଏରୁ ଅଧିକ ସମୟ ନେଇଥାଆନ୍ତି। ନିଜର ଏଭଳି ଅଭ୍ୟାସ ସମ୍ପର୍କରେ ବରୁଣ କହନ୍ତି, ‘ଏକଥା ସତ ଯେ, ମୋ କେଶ ପାଇଁ ମୁଁ ବେଶ୍ ଯତ୍ନବାନ। ପାଠ ପଢ଼ିବା ସମୟରୁ ମୋର ଏହି ସଉକ ରହିଆସିଛି। ମୋର ଆକ୍ଟିଂ ଗୁରୁ ଗୋବିନ୍ଦାଙ୍କ ସହ ଭେଟ ହେବା ପରେ ସେ ମୋର ଏହି ଅଭ୍ୟାସକୁ ପ୍ରଶଂସା କରିଥିଲେ। ଶୁଟିଂ ପାଇଁ ମେକଅପ ନେବା ସମୟରେ ମୋ କେଶର କିପରି ପରଫେକ୍ଟ୍ ଲୁକ୍ ରହିବ ସେ ନେଇ ବେଶ୍ ସଚେତନ ଥାଏ।’ ବରୁଣଙ୍କ ନିକ୍ ନେମ୍ ହେଲା ପପୁ। ଆଉ ଏକ ରୋଚକ କଥା ହେଉଛି ଯେତେବେଳେ ସେ ଆମେରିକାର ନୋଟିଂହାମ ଟ୍ରେଣ୍ଟ ୟୁନିଭର୍ସିଟିରେ ପଢୁଥିଲେ ପକେଟ୍‌ମନି ପାଇଁ ବରୁଣ ନାଇଟ କ୍ଲବ୍‌ରେ ଲିଫଲେଟ୍ ବାଣ୍ଟୁଥିଲେ।

# ଅପେକ୍ଷା ଆସନ୍ତାବର୍ଷକୁ

ଏବର୍ଷ ତ ହେଲା ନାହିଁ, ତେଣୁ ଆସନ୍ତା ବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ। ଏ ନେଇ ଆଦୌ ମନ ଦୁଃଖ କରୁନାହନ୍ତି ଆଲିୟା। ହେଲେ ଆସନ୍ତାବର୍ଷ ଏମିତି କେଉଁ ଘଟଣାକୁ ନେଇ ଆଲିୟା ଖୁସି ଅଛନ୍ତି? କେହି କେହି ହୁଏତ ଅନୁମାନ କରିପାରନ୍ତି ଯେ, ଆସନ୍ତାବର୍ଷ ଆଲିୟା ହାତକୁ ଦି’ ହାତ ହେବେ କି ? କିନ୍ତୁ କଥାଟି ସେଇଆ ନୁହେଁ। ଅସଲ କଥା ହେଲା, ସେ ଅଭିନୟ କରିଥିବା ବିଗ୍ ବଜେଟ୍ ଫିଲ୍ମ ‘ଆରଆରଆର’ ଆସନ୍ତାବର୍ଷ ମୁକ୍ତିଲାଭ କରିବ। ପୁଣି ଓଟିଟି ଫର୍ମାଟରେ ନୁହେଁ, ପ୍ରେକ୍ଷାଳୟରେ ହିଁ ଫିଲ୍ମଟି ରିଲିଜ ହେବ ବୋଲି ସୂଚନା ଦେଇଛନ୍ତି ଏହାର ନିର୍ଦ୍ଦେଶକ ଏସ.ଏସ. ରାଜମୌଳି। ୪୦୦ କୋଟି ବଜେଟ୍‌ରେ ପ୍ରସ୍ତୁତ ଏହି ଚିତ୍ରରେ ରାମ ଚରଣ, ଏନଟିଆର ଜୁନିୟର ଏବଂ ଅଜୟ ଦେବଗନ ମଧ୍ୟ ଅଭିନୟ କରିଛନ୍ତି।


ଆଲିୟା

# ବିନ୍ଦାସ୍ ଯାମି

ଯାମି ଗୌତମଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା ‘ଭିକି ଡୋନର’। ଏହାପୂର୍ବରୁ ସେ କନ୍ନଡ ଫିଲ୍ମ ‘ଉଲ୍ଲାସ ଉତ୍ସାହ’ରେ ଅଭିନୟ କରିସାରିଥିଲେ। ଯେତେବେଳେ ସେ ପାଠ ପଢୁଥିଲେ ତାଙ୍କର ଆକ୍ଟିଂ ପ୍ରତି ଆଗ୍ରହ ନ ଥିଲା। ପାଠ ପଢ଼ି ସେ ଜଣେ ପ୍ରଶାସନିକ ଅଧିକାରୀ ହେବାକୁ ଆଶା ରଖିଥିଲେ। ପରବର୍ତ୍ତୀ ସମୟରେ ସେ ଜଣେ ଓକିଲ ହେବାକୁ ଚାହିଁଥିଲେ। କିନ୍ତୁ ଶେଷରେ ଅଭିନୟ ମାୟାରେ ସେ ପଡିଯାଇଥିଲେ। ୨୦୧୨ରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ଯା’ ଭିତରେ ୯ ବର୍ଷ ବିତିଗଲାଣି। ନିଜ ଅଭିନୟ କ୍ୟାରିୟରକୁ ନେଇ ବେଶ୍ ସନ୍ତୁଷ୍ଟ। ଏ ସମ୍ପର୍କରେ ଯାମି କହନ୍ତି, ‘ଇତି ମଧ୍ୟରେ ନଅ ବର୍ଷ ବିତିଗଲାଣି। ପାଠ ପଢ଼ିଲା ବେଳେ ତ ଆଇଏଏସ ଅଫିସର ନ ହେଲେ ଓକିଲ ହେବାକୁ ଚାହିଁଥିଲି। ତାହା ତ ହୋଇପାରିଲା ନାହିଁ। ଶେଷରେ ଆକ୍ଟିଂକୁ ଆପଣେଇ ନେଇଛି। ହିନ୍ଦୀ ସିନେମାରେ ଆଜି ମୁଁ ତିଷ୍ଠି ରହିଛି କେବଳ ଦର୍ଶକଙ୍କ ପାଇଁ। ସେମାନେ ମୋତେ ଯେଉଁ ଭଲ ପାଇବା ଦେଇଛନ୍ତି ତାହାକୁ ମୁଁ କଦାପି ଭୁଲି ପାରିବି ନାହିଁ।’ ଅବସର ମିଳିଲେ ଯାମି ଗୀତ ଶୁଣିବା, ଘର ସଜାଇବାକୁ ପସନ୍ଦ କରିଥାଆନ୍ତି।


ଯାମି

# ଗାର୍ଡେନିଂରେ ଧ୍ୟାନ

କଥାରେ ଅଛି ବସିବାଠାରୁ କାଶିବା ଭଲ। ତେଣୁ ଘରେ ବସି ବସି କାହିଁକି ବା ବୋର୍ ହେବେ, ତେଣୁ ତାଙ୍କ ମୁଣ୍ଡକୁ ଏକ ଆଇଡିଆ ଜୁଟିଛି। ପ୍ରତିଦିନ କିଛି ସମୟ ସେ ଗାର୍ଡେନିଂ ପାଇଁ ଦେଉଛନ୍ତି। ସେ କିଏ ଜାଣନ୍ତି ? ଜାହ୍ନବୀ କପୁର। ଯେହେତୁ ଏବେ ଶୁଟିଂ ନାହିଁ ତେଣୁ ଗାର୍ଡେନିଂରେ ମନୋନିବେଶ କରିଛନ୍ତି। ଏ ବିଷୟରେ ଜାହ୍ନବୀ କହନ୍ତି, ‘ପିଲାଟି ଦିନରୁ ମୋର ଗାର୍ଡେନିଂ ପ୍ରତି ସଉକ ଥିଲା। କିନ୍ତୁ ପାଠ ପଢ଼ା ଏବଂ ବଲିଉଡ୍‌ରେ ବ୍ୟସ୍ତ ରହିବାରୁ ସେଥିପାଇଁ ସମୟ ଦେଇପାରୁ ନ ଥିଲି। ହେଲେ ଏବେ ମୁଁ ପ୍ରତିଦିନ କିଛି ସମୟ ବଗିଚା କାମରେ ନିଜକୁ ନିୟୋଜିତ ରଖୁଛି। ନୂଆ ଫୁଲ ଗଛ ଲଗାଇବା ବ୍ୟତୀତ ପୁରୁଣା ଗଛର ଯତ୍ନ ନେଉଛି।’ କେବଳ ସେତିକି ନୁହେଁ, ନିଜ ଗାର୍ଡେନରେ ସେ ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇ ସେଗୁଡିକୁ ନିଜର ସୋସିଆଲ ମିଡିଆ ଆକାଉଣ୍ଟରେ ଅପଲୋଡ୍ କରୁଛନ୍ତି। ସେଗୁଡିକ ମଧ୍ୟ ବେଶ୍ ଭାଇରାଲ ହୋଇଛି। ଅନ୍ୟପକ୍ଷରେ ଏବେ ଜାହ୍ନବୀଙ୍କ ହାତରେ ୨-୩ଟି ଅଫର ରହିଛି। ତେବେ ସେଗୁଡିକୁ ଭଲ ଭାବରେ ତର୍ଜମା କରିବା ପରେ ସେ ନେଇ ନିଷ୍ପତ୍ତି ନେବେ ବୋଲି କହନ୍ତି ଏହି ଅଭିନେତ୍ରୀ।


ଜାହ୍ନବୀ

# ଧଡକନ୍‌ରେ ତୁ

ସାଧାରଣତଃ ପ୍ରେମରେ ଉତ୍‌ଥାନ, ପତନ ଲାଗି ରହିଥାଏ। ହେଲେ ଯାହାଙ୍କୁ ପ୍ରେମର ନିଶା ଘାରିଥାଏ ଏବଂ ଯଦି ସେମାନଙ୍କର ସଚ୍ଚା ପ୍ରେମ ହୋଇଥାଏ ତେବେ ଏହାର ଶବ୍ଦ ଧଡକନ୍‌ରେ ମଧ୍ୟ ଶୁଣିବାକୁ ମିଳିଥାଏ। ହଁ, ଏଭଳି ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା ‘ଧଡକନ୍‌ରେ ତୁ’। ଏହି ଫିଲ୍ମରେ ଏକ ନୂଆ ରୋମାଣ୍ଟିକ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଦୀପକ। ଏଥିରେ ତାଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି ସସ୍ମିତା। ଏ ନେଇ ଦୀପକ କହନ୍ତି, ‘ଏହି ପ୍ରେମ କାହାଣୀରେ ଭିନ୍ନତା ରହିଛି। ଏହି ଫିଲ୍ମରେ ଦର୍ଶକ ମୋତେ ଏକ ଭିନ୍ନ ଭୂମିକାରେ ଦେଖିବାକୁ ପାଇବେ। ଫିଲ୍ମଟି ସମସ୍ତଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ଆଶା ରଖିଛି।’ ଉକ୍ତ ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ସୁଧାକର ବସନ୍ତ। ଏହାବ୍ୟତୀତ ଦୀପକ ଅଭିନୟ କରିଥିବା ଆହୁରି ଦୁଇଟି ସିନେମା ରିଲିଜ ଅପେକ୍ଷାରେ ରହିଛି। ସୁଧାକର ବସନ୍ତଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ‘ଏଇ ବୋଧେ ଭଲ ପାଇବା’ ଫିଲ୍ମରେ ତାଙ୍କର ନାୟିକା ସାଜିଛନ୍ତି ଅନୁଭା ସୌର୍ଯ୍ୟା। ଅନ୍ୟପକ୍ଷରେ ହୋମ ବ୍ୟାନର୍ ତନୁଜା ସିନେ ପ୍ରଡକ୍ସନରେ ନିର୍ମିତ ‘ପଲ୍ ପଲ୍ ତତେ ଚାହେଁ’ର ପ୍ରଯୋଜନା କରିବା ସହ ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଦୀପକ। ଏହି ଫିଲ୍ମର ମଧ୍ୟ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସୁଧାକର। ତେବେ ଫିଲ୍ମ ତିନୋଟି ଦର୍ଶକଙ୍କୁ କେତେ ପ୍ରଭାବିତ କରିବ ତାହା ରିଲିଜ ପରେ ହିଁ ଜଣାପଡିବ।


ଦୀପକ-ସସ୍ମିତା

# ପ୍ରଥମ ଦରମାରେ ଭାଇ ସହ ରେଷ୍ଟୁରାଣ୍ଟରେ ଖାଇଥିଲି

ବାଲେଶ୍ୱର ଜିଲା ସୋରୋ ତହସିଲ ଅନ୍ତର୍ଗତ କେଦାରପୁରରେ ଆମ ଗାଁ ହୋଇଥିଲେ ହେଁ, ଗୋପାଳପୁରରେ ଆମେ ରହୁଥିଲୁ। କାରଣ ବାପା ସେଠାରେ ଜାଗା କିଣି ଘର କରିଥିଲେ। ଆଉ ମୋ ମାମୁ ଘର ଥିଲା ରାଇରଙ୍ଗପୁରରେ। ଅଧିକାଂଶ ସମୟ ମାମୁ ଘରେ ମୋର କଟେ। ଏମିତି କି ପାଠ ବି ସେଇଠି ପଢ଼ିଛି। ରାଇରଙ୍ଗପୁର ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିବା ପରେ ରେଭେନ୍ସା କଲେଜରେ ଯୁକ୍ତ ଦୁଇ, ଯୁକ୍ତ ତିନି ଓ ଇଂଲିଶରେ ପି.ଜି. କରିଥିଲି। ପି.ଜି. ପରୀକ୍ଷା ସରିଥାଏ ହେଲେ ରେଜଲ୍ଟ ବାହାରି ନ ଥାଏ। ତା'ରି ଭିତରେ ମୋତେ ଗୋପାଳପୁରରେ ନୂଆ କରି ଖୋଲିଥିବା 'ଜାତୀୟ ଶିକ୍ଷା ମହାବିଦ୍ୟାଳୟରେ' ଇଂଲିଶ ଅଧ୍ୟାପିକା ଭାବେ ଚାକିରି ମିଳିଲା। ଏହା ଥିଲା ୧୯୯୫ ମସିହାର କଥା। ସେତେବେଳେ ମାତ୍ର ୧୦୦୦ ଟଙ୍କା ଦରମା ଆକାରରେ ମିଳୁଥିଲା। ପ୍ରଥମ ମାସ ଦରମା ପାଇଲା ପରେ ସାନ ଭାଇ ସାଙ୍ଗେ ରେଷ୍ଟୁରାଣ୍ଟ ଯାଇ ମନ ଖୁସିରେ ଖାଇଥିଲି। ସେଠାରେ ମାତ୍ର ଦୁଇ ବର୍ଷ କାମ କରିବା ପରେ ମୋ ବାହାଘର ହୋଇଗଲା। ଶାଶୁଘର ରାଇରଙ୍ଗପୁରରେ ହୋଇଥିବାରୁ ବାଧ୍ୟ ହୋଇ ଚାକିରି ଛାଡ଼ିବାକୁ ପଡିଲା। ତା'ପରଠୁ ସାଂସାରିକ ଜଞ୍ଜାଳ ଭିତରେ ଏମିତି ବାନ୍ଧି ହୋଇଗଲି ଯେ, ଆଉ କେଉଁଠି ଚାକିରି କରିବାକୁ ସମୟ ବାହାର କରିପାରିଲିନି। ଚାକିରି ସିନା କରିପାରିଲିନି ହେଲେ ଗୀତ ଗାଇବା ଛାଡ଼ିନି କି ଛାଡ଼ି ପାରିବିନି। କାରଣ ଏହା ମୋର ଜୀବନ ସହ ଓତପ୍ରୋତ ଭାବେ ଜଡ଼ିତ। କହିବାକୁ ଗଲେ ମୋର ଆଉ ଏକ ପରିଚୟ ହେଲା ସୁନାମଧନ୍ୟା କଣ୍ଠଶିଳ୍ପୀ ସ୍ୱରୂପା ଚକ୍ରବର୍ତ୍ତୀଙ୍କର ମୁଁ ହେଲି ଝିଅ। ତେଣୁ ଗୀତ କ୍ଷେତ୍ରରେ ମୋର ପ୍ରଥମ ଗୁରୁ ହେଲେ ମୋ ମା'। ତା'ପରେ କ୍ରମେ ଗୁରୁ କମଲ୍ ବରନ୍ ଚେଲ୍, ଗୁରୁ ଦେବେନ୍ଦ୍ର ନାରାୟଣ ଶତପଥୀ, ଗୁରୁ ହରମୋହନ ଖୁଣ୍ଟିଆ ଆଦିଙ୍କଠାରୁ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଶିଖିଥିଲି। ଏପରି କି ଶାସ୍ତ୍ରୀୟ ସଙ୍ଗୀତରେ ମୁଁ ବିଶାରଦ ମଧ୍ୟ କରିଛି। କିନ୍ତୁ ସଙ୍ଗୀତ ଜଗତର ସ୍ରଷ୍ଟା ଶ୍ରୀଯୁକ୍ତ କୃଷ୍ଣ ଗୋସ୍ୱାମୀ ହେଲେ ମୋ ସଙ୍ଗୀତ ଦୁନିଆର ପ୍ରକୃତ ପିତାମାତା। ସଙ୍ଗୀତ କ୍ଷେତ୍ରରେ ଆଗକୁ ବଢିବା ପାଇଁ ତାଙ୍କଠାରୁ ବହୁତ କିଛି ଶିଖିଛି ଆଉ ବହୁ ପ୍ରେରଣା ବି ପାଇଛି। ତେଣୁ ପି.ଜି. ପଢ଼ା ପରେ ଅଡିସନ୍ ଦେଇ ଆକାଶବାଣୀରେ ଅନେକ ଗୀତ ଗାଇଛି। ଏପରି କି ମୁଁ ହେଉଛି ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ବି-ଗ୍ରେଡ୍ କଣ୍ଠଶିଳ୍ପୀ। କେବଳ ଆକାଶବାଣୀରେ ଗୀତ ଗାଉଥିଲି ତାହା ନୁହେଁ, ଛୋଟବେଳୁ ମା'ଙ୍କ ସାଙ୍ଗରେ ବିଭିନ୍ନ ଷ୍ଟେଜ୍ ପ୍ରୋଗ୍ରାମକୁ ଯାଇ ବି ଗୀତ ଗାଇଛି। ସ୍କୁଲ ଓ କଲେଜ ଫଙ୍କ୍ସନ୍‌ରେ ଗୀତ ଗାଇ ଅନେକ ପୁରସ୍କାର ମଧ୍ୟ ପାଇଛି। ହେଲେ ବାହାଘର ପରେ ଆଉ ବେଶି କିଛି ପ୍ରୋଗ୍ରାମ୍ କରିପାରିନି। ଘର, ପିଲାମାନଙ୍କୁ ସମୟ ଦେଇ ଅନେକ ବଡ଼ ବଡ଼ ସୁଯୋଗକୁ ହାତଛଡ଼ା କରି କେବଳ ଆକାଶବାଣୀ ସହ ଜଡ଼ିତ ହୋଇ ରହିଯାଇଛି। ତେବେ କେଉଁ ପୁଣ୍ୟବଳେ ଭାଇ ହେଲୁ ନାଉରୀ, ଜଗତର ନାଥ ତୋର ନାବେ ସବାରି (ଭଜନ), ତୁମେ ସତ୍ୟ ତୁମେ ଶିବ ତୁମେ ସୁନ୍ଦର (ଭଜନ), ଆ ମେଘ ବରଷି ଯା' ମେଘ ବରଷି (ଆଧୁନିକ), ତୋ ବିନା ଚାନ୍ଦିନୀ ହେବନି (ଆଧୁନିକ) ଆଦି ହେଉଛି ମୁଁ ଗାଇଥିବା କେତୋଟି ଲୋକପ୍ରିୟ ଗୀତ ; ଯାହା ଶ୍ରୋତାଙ୍କୁ ଆଜି ବି ଖୁବ୍ ଆନ୍ଦୋଳିତ କରିଥାଏ। ବାସ୍ ଏତିକି ତ ଜଣେ କଣ୍ଠଶିଳ୍ପୀ ପାଇଁ ଦରକାର ; ତେଣୁ ମୁଁ ବହୁତ ଖୁସି ଅଛି। **– ଅନ୍ୱିତା**

ପ୍ରଥମ ରୋଜଗାର



ଆକାଶବାଣୀର ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ **ସ୍ମୃତିଲିପି ଦ୍ୱିବେଦୀ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ମନମୋହିନୀର ଚୋରା ଚାହାଣୀ, ତହିଁରେ ରହିଛି ପ୍ରେମ କାହାଣୀ




**ପ୍ରଶ୍ନ–**ଜଣେ ଝିଅ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

–ସୁଶାନ୍ତ ସାହୁ, ବଡବିଲ, ନବରଙ୍ଗପୁର

ଉତ୍ତର : କଥାରେ ଅଛି–ସମଝଦାର୍ ଆଦମୀକୋ ଇସାରା କାଫି ହୈ। ତେଣୁ ଆପଣ ଟିକେ ମଗଜ ଖଟାନ୍ତୁ ନା ! 'ମନମୋହିନୀର ଚୋରା ଚାହାଣୀ, ତହିଁରେ ରହିଛି ପ୍ରେମ କାହାଣୀ'। ବାସ୍, ସେହି ଚାହାଣୀ, ତାହାର ଭାବଭଙ୍ଗୀକୁ ଭଲ ଭାବରେ ପଢ଼ନ୍ତୁ। ତା' ଭିତରେ କେଉଁଠି ନା କେଉଁଠି ପ୍ରେମର ଅସଲ ବାସ୍ନା ଲୁଚି ରହିଛି।

**ପ୍ରଶ୍ନ–**ସେ ମୋ ମନର ମାନସୀ, ତାହାର ଲାଜୁଆ ହସରେ ପ୍ରେମ ଭରି ରହିଛି। ହେଲେ ସେ ମୋତେ ପ୍ରେମ କରୁଛି କି ନାହିଁ ଜାଣିପାରୁନାହିଁ। କ'ଣ କରିବି ?

*–ଆଦିତ୍ୟ ରାଉତ, କଟକ*

**ଉତ୍ତର:** ଆପଣ ବୋଧହୁଏ ସେହି ସୁନ୍ଦରୀକୁ ଏକତରଫା ପ୍ରେମ କରୁଛନ୍ତି। ହେଲେ ଏଭଳି ପ୍ରେମ ସିନା କ୍ଷଣିକ ଆନନ୍ଦ ଦିଏ, ହେଲେ ତାକୁ ନେଇ ଆଶାର ମୀନାର ତୋଳିବା ବୋକାମି ବ୍ୟତୀତ ଆଉ କିଛି ନୁହେଁ। ସେହି ଝିଅଟି ଆପଣଙ୍କୁ ଲଭ୍ କରୁଛି କି ନାହିଁ ସେ ନେଇ ଆପଣ ସନ୍ଦେହ ଘେରରେ ଅଛନ୍ତି। ହେଲେ ତାକୁ ଭାବି ଭାବି ଆପଣଙ୍କୁ ଦିନ ରାତି ଜଣାପଡୁ ନ ଥିବ। ତେଣୁ ସେଭଳି ମାନସିକତାକୁ ପ୍ରଥମେ ପରିବର୍ତ୍ତନ କରନ୍ତୁ। ଯଦି ସେପଟରୁ କିଛି ପ୍ରେମର ଝଲକ୍ ଦେଖୁଛନ୍ତି ତେବେ ବିଳମ୍ବ ନ କରି ତା' ସାମନାରେ ନିଜ ମନର କଥା କହି ଦିଅନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତ ଭଲ, ନ ହେଲେ ସେପରି ପ୍ରେମ ଆଉ ପ୍ରେମିକାକୁ ଯେତେ ଶୀଘ୍ର ମନରୁ ପୋଛି ଦେବେ ତାହା ଭଲ ହେବ।

**ପ୍ରଶ୍ନ–**ପ୍ରେମ ନିଶା କ'ଣ ସତରେ ଗାଢ଼ ? ମୁଁ ଜଣେ ଝିଅକୁ ଭଲ ପାଉଛି। ହେଲେ ମୋତେ ତ ସେମିତି କିଛି ଲାଗୁନାହିଁ। କ'ଣ କରିବି ?

*–ଅଜିତ କୁମାର ପ୍ରହରାଜ, ବାଲେଶ୍ୱର*

**ଉତ୍ତର:** କଥାରେ ଅଛି–ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ଓ ଭି ପସ୍ତାୟା। ଏହି ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। ହେଲେ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମରେ କେତେବେଳେ ଦ ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ–**ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ହେଲେ ସେ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?

*–ଶରତ କୁମାର, ପାରାଦୀପ, ଜଗତସିଂହପୁର*


**ଉତ୍ତର:** ସେ ବୋଧହୁଏ ଆପଣ କହିଥିବା 'ଆଇ ଲଭ୍ ୟୁ'କୁ ତର୍ଜମା କରୁଛି। ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି। ଏହାର ଅର୍ଥ ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ହେଲେ ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା। ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ,ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ–**ମୋ ପ୍ରେମିକାକୁ ନେଇ ମୁଁ ଅନେକ କବିତା ଲେଖିଛି। ହେଲେ ସେଗୁଡିକୁ ସେ ପ୍ରଶଂସା କରୁନାହିଁ। କ'ଣ କରିବି ?

*–ସୁମନ୍ତ ସାହୁ, ଢେଙ୍କାନାଳ*

**ଉତ୍ତର:** ଆପଣଙ୍କ ଭିତରେ କବିତା ଲେଖିବାର ପ୍ରତିଭା ଅଛି–ତାହା ନିଶ୍ଚୟ ସ୍ୱାଗତଯୋଗ୍ୟ। ହେଲେ ଆପଣଙ୍କ ପ୍ରେମିକା ମଜଗରେ ସେକଥା ପଶିବା ଦରକାର। ସେ ହୁଏତ ଭାବୁଥିବ ଯେ, ଆପଣ ଏମିତି କିଛି କବିତା ଲେଖୁଛନ୍ତି। ତେଣୁ ନିଜେ ଜଣେ କବି ଆଉ ସୁନ୍ଦର ପ୍ରେମ କବିତା ଲେଖିବାରେ ପଟୁତା ରହିଛି ବୋଲି ସେପରି ବିଶ୍ୱାସ ପ୍ରଥମେ ପ୍ରେମିକା ମନରେ ସୃଷ୍ଟି କରନ୍ତୁ। ତା'ପରେ ହୁଏତ ସେ ଆପଣଙ୍କ ରଚିତ ତଥା ମନକୁ ଛୁଇଁଲା ଭଳି କବିତାଗୁଡିକୁ ସେ ପଢ଼ିବାକୁ ଚେଷ୍ଟା କରିବେ।

# ରାବଣଙ୍କ ପୂଜା










**ଦଶହରା ତଥା ବିଜୟା ଦଶମୀ। ଏହିଦିନ ଶ୍ରୀରାମ ଚନ୍ଦ୍ର ରାବଣଙ୍କୁ ବଦ୍ଧକରି ଅଧର୍ମ ଉପରେ ଧର୍ମର ବିଜୟ ଲାଭ କରିଥିଲେ। ରାବଣଙ୍କୁ ସମସ୍ତେ ଏକ ଖଳ ଚରିତ୍ରଭାବେ ଜାଣନ୍ତି। କିନ୍ତୁ କିଛି ପୁରାଣ ଅନୁସାରେ ସେ ଥିଲେ ବହୁତ ବିଜ୍ଞ, ପରାକ୍ରମୀ ଓ ପରମ ଭକ୍ତ। ସେଥିପାଇଁ ଅନେକ ସ୍ଥାନରେ ତାଙ୍କ ପୁତ୍ତଳିକା ଦାହ ନ କରାଯାଇ ତାଙ୍କୁ ପୂଜା କରାଯାଇଥାଏ...**



**ମନ୍ଦସୌର, ମଧ୍ୟପ୍ରଦେଶ:** ଏହି ସ୍ଥାନ ରାଜସ୍ଥାନର ସୀମାରେ ରହିଛି। ରାମାୟଣ କଥାନୁସାରେ ମନ୍ଦସୌର ରାବଣଙ୍କ ପତ୍ନୀ ମନ୍ଦୋଦରୀଙ୍କ ପୈତୃକ ଘର। ଆଉ ଏହିଠାରେ ରାବଣ-ମନ୍ଦୋଦରୀଙ୍କର ବିବାହ ହୋଇଥିବା ବିଶ୍ୱାସ ରହିଛି। ତେଣୁ ମନ୍ଦସୌର ନିବାସୀ ରାବଣଙ୍କୁ ନିଜର ଜ୍ୱାଇଁ ଭାବେ ମାନିଥାନ୍ତି। ତା'ଛଡା ରାବଣ ଥିଲେ ଅଦ୍ୱିତୀୟ ଜ୍ଞାନୀ ଓ ଭାଗବାନ ଶିବଙ୍କର ପରମ ଭକ୍ତ, ସେଥିପାଇଁ ଏଠାରେ ରାବଣଙ୍କୁ ପୂଜା କରାଯାଇଥାଏ। ଏଠାରେ ରାବଣଙ୍କର ଏକ ୩୫ ଫୁଟ୍ ଉଚ୍ଚତାର ମୂର୍ତ୍ତି ଅଛି। ଦଶହରାଦିନ ଏଠାକାର ନିବାସୀ ରାବଣଙ୍କ ମୃତ୍ୟୁ ପାଇଁ ଶୋକ କରିଥାନ୍ତି। ଆଉ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରନ୍ତି। ଏଠାରେ ଥିବା ରାବଣଙ୍କ ମନ୍ଦିରର ନାମ ହେଉଛି 'ରାବଣ ରୁଣ୍ଡି'।

**ବିସରଖ, ଉତ୍ତରପ୍ରଦେଶ–** ବିସରଖ ସ୍ଥାନଟିର ନାମ ଋଷି ବିଶର୍ଭାଙ୍କ ନାମାନୁସାରେ ନାମିତ ହୋଇଥିବା କୁହାଯାଏ। ଋଷି ବିଶର୍ଭା ଦାନବ ରାଜ ରାବଣଙ୍କ ପିତା ଥିଲେ। ବିଶ୍ୱାସ ରହିଛି ରାବଣଙ୍କ ଜନ୍ମ ବିସରଖରେ ହୋଇଥିଲା। ଏହାଛଡା ରାବଣଙ୍କୁ ଏଠାରେ ମହାବ୍ରାହ୍ମଣଭାବେ ଗ୍ରହଣ କରାଯାଏ। ଏହା ମଧ୍ୟ ମାନ୍ୟତା ରହିଛି ଯେ, ବିଶର୍ଭା ଋଷି ବିସରଖରେ ଏକ ସ୍ୱୟଂଭୁ ଶିବ ଲିଙ୍ଗର ସନ୍ଧାନ କରିଥିଲେ। ସେବେଠାରୁ ସ୍ଥାନୀୟ ଅଧିବାସୀ ଋଷି ବିଶର୍ଭା ଏବଂ ରାବଣଙ୍କୁ ସମ୍ମାନର ସହିତ ପୂଜା କରନ୍ତି। ବିସରଖରେ ନବରାତ୍ରି ଉତ୍ସବ ସମୟରେ ରାବଣଙ୍କ ଅମରଆତ୍ମା ପାଇଁ ଯଜ୍ଞ ଓ ଶାନ୍ତି ପ୍ରାର୍ଥନା କରାଯାଏ। ଏଠାରେ ଦଶହରା ପାଳନ କରାଯାଏ ନାହିଁ। କାରଣ ଏହିଦିନ ରାବଣଙ୍କର ମୃତ୍ୟୁ ହୋଇଥିଲା। ଏଠାରେ ରାବଣଙ୍କର ଏକ ମନ୍ଦିର ବି ଅଛି।

**କାନପୁର, ଉତ୍ତରପ୍ରଦେଶ–** କାନପୁରରେ ରାବଣଙ୍କର ଏକ ମନ୍ଦିର ଅଛି, ଯାହାର ନାମ 'ଦଶାନନ ମନ୍ଦିର'। ବର୍ଷକୁ ଥରେ ଏହା ଖୋଲିଥାଏ। କୁହାଯାଏ ରାବଣ ଦଶହରା ତିଥିରେ ଜନ୍ମ ହେବା ସହ ମୃତ୍ୟୁ ବି ଦଶହରାରେ ହୋଇଥିଲା। ତେଣୁ ଦଶହରାରେ ଏହି ମନ୍ଦିର ଖୋଲି ରାବଣଙ୍କୁ ପୂଜା କରାଯାଏ। ଆଉ ସନ୍ଧ୍ୟାରେ ତାଙ୍କ ପୁତ୍ତଳିକା ଦାହ କରାଯାଇ ମନ୍ଦିର ବନ୍ଦ କରି ଦିଆଯାଏ। ପୁଣି ପର ବର୍ଷ ଦଶହରାରେ ମନ୍ଦିର ଖୋଲାଯାଏ।

**ରାବଣଗ୍ରାମ ରାବଣ ମନ୍ଦିର, ମଧ୍ୟପ୍ରଦେଶ–** ମଧ୍ୟପ୍ରଦେଶ ବିଦିଶା ଜିଲାର ରାବଣଗ୍ରାମରେ ଭୂମିରେ ଶୋଇବା ଅବସ୍ଥାରେ ଥିବା ଦଶ ଫୁଟ୍‌ର ଏକ ରାବଣ ମୂର୍ତ୍ତିକୁ ପୂଜା କରାଯାଏ। ଦଶହରା ଦିନ ଏହି ସ୍ଥାନ ଭକ୍ତଙ୍କ 'ରାବଣ ବାବା ନମଃ' ଶବ୍ଦରେ ପ୍ରକମ୍ପିତ ହୁଏ। ଏହି ମୂର୍ତ୍ତି ଚତୁର୍ଦ୍ଦଶ ଶତାବ୍ଦିରେ ତିଆରି ହୋଇଥିବା କୁହାଯାଏ। ସମୃଦ୍ଧିର ପ୍ରତୀକଭାବେ ରାବଣଙ୍କୁ ୬୦୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଏଠାକାର କନ୍ୟାକୁବ୍‌ଜା ବ୍ରାହ୍ମଣମାନେ ପୂଜା କରି ଆସୁଛନ୍ତି। ବିଶ୍ୱାସ ରହିଛି ଯେ, ରାବଣ କନ୍ୟାକୁବ୍‌ଜା ଜାତିର ବ୍ରାହ୍ମଣ ଥିଲେ। ଏଠାକାର ଗ୍ରାମବାସୀ ରାବଣଙ୍କୁ ଭଗବାନ ଲଙ୍କେଶ୍ ଭାବେ ପୂଜା କରନ୍ତି। ଏଠି ଦଶହରା ପାଳନ କରାଯାଏ ନାହିଁ କି ରାବଣଙ୍କ କୁଶପୁତ୍ତଳିକା ଦାହ ବି କରାଯାଏ ନାହିଁ।

**ରାବଣ ମନ୍ଦିର, କାକିନାଡା, ଆନ୍ଧ୍ରପ୍ରଦେଶ–** ଆନ୍ଧ୍ରପ୍ରଦେଶର କାକିନାଡାରେ ଥିବା ଏକ ମନ୍ଦିର ଅଛି ଯେଉଁଠି ଭଗବାନ ଶିବ ଓ ରାବଣ ଉଭୟଙ୍କୁ ପୂଜା କରାଯାଇଥାଏ।

**ଗଡଚିରୋଲି, ମହାରାଷ୍ଟ୍ର–** ମହାରାଷ୍ଟ୍ର, ଗଡଚିରୋଲିର ଗୋଣ୍ଡ ଜନଜାତି ରାବଣ ଏବଂ ତାଙ୍କର ପୁତ୍ର ମେଘନାଦଙ୍କୁ ଦେବତାଭାବେ ପୂଜା କରନ୍ତି। ଗୋଣ୍ଡ ଜନଜାତି ଅନୁସାରେ ରାବଣଙ୍କୁ ବାଲ୍ମୀକିଙ୍କ ରାମାୟଣରେ କେବେ ବି ଖରାପ ବ୍ୟକ୍ତି ଭାବେ ଦର୍ଶାଯାଇ ନାହିଁ। ଆଉ ମହାନ୍ ଋଷି ବାଲ୍ମୀକି ସ୍ପଷ୍ଟ ରୂପରେ ଉଲ୍ଲେଖ କରିଛନ୍ତି ଯେ, ରାବଣ କିଛି ଖରାପ କାମ ମଧ୍ୟ କରି ନ ଥିଲେ। ତେବେ ତୁଳସୀ ଦାସ ରାମାୟଣରେ ରାବଣ ଜଣେ କ୍ରୁର ଓ ସଇତାନ ରାଜା ଥିଲେ ବୋଲି ବର୍ଣ୍ଣନା କରାଯାଇଛି।

**କାଙ୍ଗଡା, ହିମାଚଳପ୍ରଦେଶ–** ହିମାଚଳପ୍ରଦେଶର ସୁନ୍ଦର ଜିଲା କାଙ୍ଗଡାରେ ମଧ୍ୟ ରାବଣ ଦହନ ପ୍ରଥା ପାଳନ କରାଯାଏ ନାହିଁ। ପୌରାଣିକ କଥାନୁସାରେ ରାବଣ ଭାଗବାନ ଶିବଙ୍କୁ ବୈଜନାଥ, କାଙ୍ଗଡାରେ ନିଜର ଭକ୍ତି ଓ ତପସ୍ୟା ଦ୍ୱାରା ପସନ୍ନ କରିଥିଲେ। ଆଉ ଏହି ସ୍ଥାନରେ ହିଁ ଭଗବାନ ଶିବ ରାବଣଙ୍କୁ ବରଦାନ ପ୍ରଦାନ କରିଥିଲେ। ତେଣୁ ଏଠାରେ ରାବଣଙ୍କୁ ଭଗବାନ ଶିବଙ୍କର ପରମ ଭକ୍ତଭାବେ ସମ୍ମାନ ଦେବା ସହ ପୂଜା କରାଯାଏ।

**ମାଣ୍ଡ୍ୟା ଓ କୋଲର, କର୍ନାଟକ–** ଫସଲର ଉତ୍ସବ ସମୟରେ ଭଗବାନ ଶିବଙ୍କ ପରମ ଭକ୍ତ ରାବଣଙ୍କୁ ପୂଜା କରାଯାଇଥାଏ। ଏକ ପଟୁଆରରେ ଭଗବାନ ଶିବଙ୍କ ମୂର୍ତ୍ତି ସହିତ ରାବଣଙ୍କ ଦଶ ମୁଣ୍ଡ ଥିବା ମୂର୍ତ୍ତି ଓ ୨୦ଟି ସଶସ୍ତ୍ର ମୂର୍ତ୍ତିକୁ ସ୍ଥାନୀୟ ଲୋକେ ପୂଜା କରନ୍ତି। ସେହିଭଳି କର୍ନାଟକ ମାଣ୍ଡ୍ୟା ଜିଲା, ମଲ୍ଲାବଲ୍ଲୀ ତାଲୁକରେ ଭଗବାନ ଶିବଙ୍କ ପାଇଁ ରାବଣଙ୍କ ସମର୍ପଣ ଓ ଭକ୍ତି ଭାବ ଯୋଗୁ ଏଠାରେ ଥିବା ରାବଣ ମନ୍ଦିରରେ ହିନ୍ଦୁ ଭକ୍ତମାନେ ତାଙ୍କୁ ପୂଜା କରିଥାନ୍ତି।

**ଯୋଦ୍ଧପୁର, ରାଜସ୍ଥାନ–** ଏଠାରେ ରାବଣଙ୍କ ପାଇଁ ଅଛି ଏକ ସୁନ୍ଦର ମନ୍ଦିର। ଏଠାକାର ମୌଦଗିଲ ବ୍ରାହ୍ମଣମାନେ ଉକ୍ତ ମନ୍ଦିରରେ ରାବଣଙ୍କୁ ପୂଜା କରିଥାନ୍ତି। କାରଣ ସେମାନେ ରାବଣଙ୍କୁ ତାଙ୍କର ବଂଶଜ ବୋଲି ଭାବିଥାନ୍ତି।





# ମଡେଲ ମିରର୍



ସ୍ୱାତିକା

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ: କମଲ ଫଟୋଗ୍ରାଫୀ

## ହାଃ ହାଃ

### ଆଇ ଲଭ ୟୁ

ପପୁ ରୋଜିକୁ: ଆଇ ଲଭ୍ ୟୁ ରୋଜି। ତୁମେ ବି କୁହନା।
ରୋଜି: ରହ ତୋ ବାପାଙ୍କୁ କହୁଛି।
ପପୁ: ବାପାଙ୍କୁ କାହିଁକି ଆଇ ଲଭ୍ ୟୁ କହିବ। ସେ ତ ବିବାହିତ।

### ଫର୍ମୁଲା

ରାଜେଶ ସନ୍ତୋଷକୁ: ତୁମ ସ୍ୱାମୀ ସ୍ତ୍ରୀ ଭିତରେ ଝଗଡା ହୁଏ ?
ସନ୍ତୋଷ: ହଁ, ବହୁତ ହୁଏ।
ରାଜେଶ: ଝଗଡା ବନ୍ଦ କରିବା ପାଇଁ ମୋ ପାଖରେ ଏକ ଫର୍ମୁଲା ଅଛି।
ସନ୍ତୋଷ: କ'ଣ ?
ରାଜେଶ: ସ୍ତ୍ରୀ ଝଗଡା କଲାବେଳେ କହିବୁ– 'ତମେ ସୁନ୍ଦରୀ ବୋଲି କ'ଣ ଯାହା ଇଛା ତାହା କହିବ।' ଦେଖିବୁ ଏଇ କଥା ଶୁଣୁ ଶୁଣୁ ସେ ଗାଳି ଦେବା ବନ୍ଦ କରିଦେବ।

### ଜଏଣ୍ଟ ଆକାଉଣ୍ଟ

ମଣ୍ଟୁ ବ୍ୟାଙ୍କକୁ ଯାଇ : ମୁଁ ଏକ ଜଏଣ୍ଟ ଆକାଉଣ୍ଟ ଖୋଲିବାକୁ ଚାହୁଁଛି।
ବ୍ୟାଙ୍କ କର୍ମଚାରୀ: କାହା ସହ ?
ମଣ୍ଟୁ: ଯାହା ଆକାଉଣ୍ଟରେ ବହୁତ ଟଙ୍କା ଥିବ।
ବ୍ୟାଙ୍କ କର୍ମଚାରୀ ଗାର୍ଡକୁ: ବାହାର କର ଏଇ ପାଗଳକୁ।

# କାଜିରଙ୍ଗା ଜାତୀୟ ଉଦ୍ୟାନ





ଆସାମର ଏକ ଲୋକପ୍ରିୟ ବନ୍ୟପ୍ରାଣୀ ଅଭୟାରଣ୍ୟ ଭାବେ କାଜିରଙ୍ଗା ଜାତୀୟ ଉଦ୍ୟାନର ରହିଛି ଅନେକ ଖ୍ୟାତି। ଏହା ସ୍ଥାନୀୟ ଗୋଲାଘାଟ, କାର୍ବି ଆଙ୍ଗଲୋଙ୍ଗ ତଥା ନଗାଓଁ ଜିଲାର ସୀମାକୁ ଲାଗି ପ୍ରାୟ ୪୩୦ ବର୍ଗ କି.ମି ପରିସୀମା ବ୍ୟାପ୍ତ ଅଞ୍ଚଳ ଉପରେ ଗଢ଼ି ଉଠିଛି। ଏଠାରେ ମୁଖ୍ୟତଃ ଗୋଟିଏ ଶିଙ୍ଗ ଥିବା ଗଣ୍ଡାମାନଙ୍କୁ ବହୁ ସଂଖ୍ୟାରେ ଦେଖିବାକୁ ମିଳିଥାଏ। କହିବାକୁ ଗଲେ ସମଗ୍ର ବିଶ୍ୱରେ ଯେତିକି ଏକଶିଙ୍ଗ ବିଶିଷ୍ଟ ଗଣ୍ଡା ଦେଖାଯା'ନ୍ତି, ତନ୍ମଧ୍ୟରୁ ପ୍ରାୟ ଦୁଇ ତୃତୀୟାଂଶ ଗଣ୍ଡା କେବଳ ଏହି ଅଭୟାରଣ୍ୟରେ ଅଛନ୍ତି। ସେହିପରି ଗଣ୍ଡାଙ୍କ ବ୍ୟତୀତ ଅନ୍ୟାନ୍ୟ ବନ୍ୟ ଜୀବଜନ୍ତୁ ତଥା ବିଭିନ୍ନ ପ୍ରଜାତିର ପକ୍ଷୀଙ୍କୁ ବି ଏଠାରେ ଦେଖିବାକୁ ମିଳିଥାଏ। ସେଥିପାଇଁ ବର୍ଷର ପ୍ରାୟ ଅଧିକାଂଶ ସମୟ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥାଏ।

### ଇତିହାସ

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ, ୧୯୦୪ ମସିହାରେ ଏହାକୁ ଏକ ସଂରକ୍ଷଣ କେନ୍ଦ୍ର ଘୋଷଣା କରିବାକୁ ପ୍ରଥମେ ଯୋଜନା କରାଯାଇଥିଲା ଏବଂ ୧ ଜୁନ୍ ୧୯୦୫ରେ ପ୍ରାୟ ୨୩୨ ବର୍ଗ କି.ମି. ଅଞ୍ଚଳକୁ ନେଇ କାଜିରଙ୍ଗା ପ୍ରସ୍ତାବିତ ସଂରକ୍ଷଣ କେନ୍ଦ୍ର ଗଢ଼ି ଉଠିଥିଲା। ପୁନର୍ବାର ୧୯୦୮ରେ ଆଉ ୧୫୨ ବର୍ଗ କି.ମି. ଅଞ୍ଚଳକୁ ଉକ୍ତ ସଂରକ୍ଷଣ କେନ୍ଦ୍ର ସହ ମିଶାଇ ଦିଆଗଲା। ୧୯୧୬ରେ ଉକ୍ତ ସଂରକ୍ଷଣ କେନ୍ଦ୍ରକୁ କାଜିରଙ୍ଗା କ୍ରୀଡ଼ା ଅଭୟାରଣ୍ୟରେ ପରିଣତ କରି ୧୯୩୮ ମସିହା ପରଠୁ ଏଠାରେ ଶିକାରକୁ ବାରଣ କରାଯିବା ସହ ପର୍ଯ୍ୟଟକଙ୍କୁ ବୁଲିବା ପାଇଁ ଅନୁମତି ଦିଆଯାଇଥିଲା। ପରେ ୧୯୫୦ ମସିହାରେ ଏହା କାଜିରଙ୍ଗା କ୍ରୀଡ଼ା ଅଭୟାରଣ୍ୟରୁ କାଜିରଙ୍ଗା ବନ୍ୟପ୍ରାଣୀ ଅଭୟାରଣ୍ୟକୁ ପରିବର୍ତ୍ତିତ ହୋଇଥିଲା। ସେହିପରି ୧୯୬୮ରେ ୪୩୦ ବର୍ଗ କି.ମି. ଅଞ୍ଚଳକୁ ନେଇ ଏହାକୁ ଏକ ଜାତୀୟ ଉଦ୍ୟାନର ମାନ୍ୟତା ଦେବାକୁ ଚେଷ୍ଟା କରାଯାଇଥିଲେ ହେଁ ଶେଷରେ ୧୯୭୪ରେ ଏହାକୁ ଭାରତ ସରକାରଙ୍କ ତରଫରୁ ମଞ୍ଜୁର ମିଳିଥିଲା। ଅନ୍ୟପକ୍ଷେ ୧୯୮୫ରେ ଏହି ଜାତୀୟ ଉଦ୍ୟାନକୁ ୟୁନେସ୍କୋ ତରଫରୁ ୱାର୍ଲ୍ଡ ହେରିଟେଜ୍ ସାଇଟ୍‌ର ମାନ୍ୟତା ମିଳିଥିଲା।









**ଗୋଟିଏ ଶିଙ୍ଗ ଥିବା ଗଣ୍ଡାମାନଙ୍କ ପାଇଁ କାଜିରଙ୍ଗା ଜାତୀୟ ଉଦ୍ୟାନ ବେଶ୍ ପ୍ରସିଦ୍ଧ। କହିବାକୁ ଗଲେ ସମଗ୍ର ବିଶ୍ୱରେ ଯେତିକି ଏକଶିଙ୍ଗ ବିଶିଷ୍ଟ ଗଣ୍ଡା ଦେଖାଯାନ୍ତି; ତନ୍ମଧ୍ୟରୁ ପ୍ରାୟ ଦୁଇ ତୃତୀୟାଂଶ ଗଣ୍ଡା କେବଳ ଏହି ଅଭୟାରଣ୍ୟରେ ହିଁ ଅଛନ୍ତି...**

### କ'ଣ ଦେଖିବେ

କାଜିରଙ୍ଗା ଜାତୀୟ ଉଦ୍ୟାନରେ କେବଳ ଯେ ବହୁସଂଖ୍ୟାରେ ଏକଶିଙ୍ଗ ବିଶିଷ୍ଟ ଗଣ୍ଡା ଦେଖାଯା'ନ୍ତି ତାହା ନୁହେଁ; ଅନେକ ବାଘ, ହାତୀ, ବନ୍ୟ ମଇଁଷି, ସମ୍ବର, ଗୟଳ, ଜଙ୍ଗଲୀ ଘୁଷୁରି, ଭାଲୁ, ବାରଶିଙ୍ଗା (ଏକ ଜାତୀୟ ହରିଣ) ଇତ୍ୟାଦି ବନ୍ୟପଶୁଙ୍କୁ ଦେଖିବାକୁ ମିଳିଥାଏ। ସେହିପରି ବିଭିନ୍ନ ପ୍ରଜାତିର ପକ୍ଷୀ ବି ଏଠାରେ ଦେଖାଯାଇଥା'ନ୍ତି। ଅନ୍ୟପକ୍ଷରେ ଉକ୍ତ ଅଭୟାରଣ୍ୟରେ ବହୁ ପରିମାଣରେ ବନସ୍ପତି ବୃକ୍ଷ ବି ରହିଛି। କହିବାକୁ ଗଲେ ପ୍ରକୃତିପ୍ରେମୀ ବା ପକ୍ଷୀପ୍ରେମୀଙ୍କ ପାଇଁ ଏହି ସ୍ଥାନଟି ଦ୍ୱିତୀୟ ସ୍ୱର୍ଗ କହିଲେ ଅତ୍ୟୁକ୍ତି ହେବନାହିଁ।

### ସଫାରିର ମଜା ନିଆରା

ଏହି ଜାତୀୟ ଉଦ୍ୟାନରେ ପର୍ଯ୍ୟଟକ ଦୁଇ ପ୍ରକାର ସଫାରିର ଆନନ୍ଦ ନେଇପାରିବେ। ଗୋଟିଏ ହେଉଛି ଜିପ୍ ସଫାରି ଏବଂ ଅନ୍ୟଟି ହେଉଛି ହାତୀ ସଫାରି ଅର୍ଥାତ୍ ହାତୀପିଠିରେ ବସି ବୁଲିବା।

### କେବେ ଓ କେମିତି ଯିବେ

ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ର ମତାନୁସାରେ, ଏହି ଜାତୀୟ ଉଦ୍ୟାନକୁ ବୁଲିଯିବା ପାଇଁ ନଭେମ୍ବରରୁ ଏପ୍ରିଲ୍ ହେଉଛି ସବୁଠୁ ଉପଯୁକ୍ତ ସମୟ। କାରଣ ଏପ୍ରିଲ୍ ପରେ ଏଠାରେ ଧୀରେ ଧୀରେ ବର୍ଷା ହେବାକୁ ଆରମ୍ଭ କରିଥାଏ। ସୂଚନାନୁଯାୟୀ, ଏଠାରେ କୁଆଡ଼େ ଅତ୍ୟଧିକ ବର୍ଷା ହୁଏ। ଏପରିକି ବର୍ଷାଦିନେ ଏଠାରେ ବେଳେବେଳେ ବନ୍ୟା ପରିସ୍ଥିତି ଉପୁଜିଥାଏ। ଯଦ୍ଦ୍ୱାରା ପଶୁପକ୍ଷୀମାନେ ବର୍ଷାଦିନେ ଅଭୟାରଣ୍ୟର ଉଚ୍ଚ ସ୍ଥାନକୁ ଚାଲିଯାଇଥା'ନ୍ତି; ଫଳରେ ସେମାନଙ୍କୁ ଦେଖିବା ସମ୍ଭବ ହୋଇ ନ ଥାଏ। ତେଣୁ ନଭେମ୍ବରରୁ ଏପ୍ରିଲ୍ ଭିତରେ ଗଲେ ଏଠାରେ ପଶୁପକ୍ଷୀଙ୍କୁ ନିକଟରୁ ଦେଖିବାର ସୁବିଧା ମିଳିଥାଏ। ସେହିପରି ଏଠାକୁ ଯିବା ପାଇଁ ସଡ଼କପଥ, ରେଳପଥ ତଥା ଆକାଶପଥର ମଧ୍ୟ ବେଶ୍ ସୁବିଧା ରହିଛି। ପର୍ଯ୍ୟଟକମାନେ ଯେଉଁଥିରେ ଯିବାକୁ ଉପଯୁକ୍ତ ମଣିବେ, ଆରାମରେ ଯାଇ ଖୁସିରେ ଭ୍ରମଣ କରିପାରିବେ।





# ଫୁଲ୍ ଫେସ୍ ୟୁଭି ସନ୍‌ଗ୍ଲାସ୍

ଓଭର୍‌ସାଇଜ୍‌ଡ ସନ୍‌ଗ୍ଲାସ୍ ବେଶ୍ ଫ୍ୟାଶନେବୁଲ୍ ଲାଗେ । ତେବେ ZGHYBD ନାମକ ଏକ ଜାପାନୀ କମ୍ପାନୀ ସନ୍‌ଗ୍ଲାସ୍ ଫ୍ୟାଶନରେ ଏକ ନୂଆ ଟ୍ରେଣ୍ଡ ଆରମ୍ଭ କରିଛି । ଆଉ ତିଆରି କରିଛି ଏମିତି ଏକ ସନ୍‌ଗ୍ଲାସ୍ ଯାହା ପୂରା ଫେସ୍‌କୁ କଭର୍ କରିଥାଏ । ଏହା ଫେସ୍‌ସିଲ୍ଡ ପରି କାମ କରିବା ସହ ଏଥିରେ ଥିବା ବଡ଼ ପୋଲାରାଇଜ୍‌ଡ ଲେନ୍ସ ଯାହାକି ଏକ ଫ୍ରେମ୍‌ରେ ଥାଏ ଆଉ ଏହାକୁ ସନ୍‌ଗ୍ଲାସ୍ ପରି କାନରେ ପିନ୍ଧି ହୁଏ । ଏହାକୁ ଏକ ଫ୍ୟାଶନ ଆସେସରୀଭାବେ ତିଆରି କରାଯାଇଛି । ଏହାକୁ ପିନ୍ଧିଲେ ଆଖି ସହ ନାକ, ପାଟି ବି କଭର୍ ହୋଇଯାଏ । ହାଇ କ୍ୱାଲିଟିର ପଲିକାର୍ବୋନେଟ୍‌ରେ ଏହାକୁ ତିଆରି କରାଯାଇଛି । ଏହାର ଆକାର ୧୬.୫ x ୧୪.୨ ସେ.ମି. । ଏଥିରେ ଆଣ୍ଟିଫଗ୍ ପ୍ରପର୍ଟି ଥିବା ସହ ଏହା ୱିଣ୍ଡପ୍ରୁଫ୍ ଓ ଡଷ୍ଟପ୍ରୁଫ୍ ମଧ୍ୟ । ଅନ୍ୟ ସନ୍‌ଗ୍ଲାସ୍ ପରି ଏହା ୟୁଭି ପ୍ରୋଟେକ୍ସନ ବି ଦେଇଥାଏ । ସମ୍ପୂର୍ଣ୍ଣ ମୁହଁ କଭର୍ ହେଉଥିବାରୁ ପୂରା ମୁହଁକୁ ଅତିବାଇଗଣୀ ରଶ୍ମୀଠାରୁ ସୁରକ୍ଷା ମିଳେ । ତେଣୁ ଏହାକୁ ପିନ୍ଧିଲେ ମୁହଁରେ ସନ୍‌ସ୍କ୍ରିନ୍ ଲୋଶନ୍ ଲଗାଇବାକୁ ପଡିବନି । ଖାସ୍‌କରି ସେଲିବ୍ରିଟିଙ୍କ ପାଇଁ ଏହା ବେଶି ପ୍ରଯୁଜ୍ୟ । କାରଣ ଏହା ସେମାନଙ୍କ ମୁହଁକୁ ସୁରକ୍ଷା ଦେବା ସହ ମୁହଁ ସମ୍ପୂର୍ଣ୍ଣଭାବେ କଭର୍ ହେଉଥିବାରୁ ଜନଗହଳିରେ ସେମାନେ ଆରାମରେ ଯାଇପାରିବେ ।





## କାର୍ଟୁନ କର୍ନର



କଥା ଟାଟ୍

ଓଁ ଅଭିଜ୍ଞାନ ସାହୁ

# ରାମାୟଣ ପୁନର୍ଲିଖନ



ତ୍ରେତୟା ଯୁଗର କଥା। ପ୍ରଭୁ ଶ୍ରୀରାମ ଶ୍ରୀଲଙ୍କା ଜୟ ପରେ ମାତା ସୀତାଙ୍କୁ ସାଙ୍ଗରେ ଧରି ଅଯୋଧ୍ୟା ଫେରିଲେ। ଅଯୋଧ୍ୟା ସୀମାରେ ବାଣ ରୋଶଣି ଧରି ଭରତ ଅପେକ୍ଷା କରିଥା'ନ୍ତି। ଭରତ ଦେଖିଲେ ପ୍ରଭୁ ତ ଆସିଛନ୍ତି, କିନ୍ତୁ ସାଙ୍ଗରେ ଆସିଛନ୍ତି ଅସଂଖ୍ୟ ବାନର! ଏହାର କାରଣ ପୁଚ୍ଛନ୍ତେ, ରାମଚନ୍ଦ୍ର ସ୍ମିତ ହସି କହିଲେ, "ପ୍ରିୟ ଅନୁଜ! ଏହି ବାନରମାନଙ୍କ ବିନା ଲଙ୍କା ଜୟ ସମ୍ଭବ ନଥିଲା। ଏମାନଙ୍କ ତ୍ୟାଗ ଓ ସେବାକୁ ଭୁଲି ହେବନାହିଁ। ସେମାନେ ସେମାନଙ୍କ ସ୍ୱପ୍ରବୃତ୍ତି ଛାଡ଼ି କ୍ଷତ୍ରିୟ ପ୍ରବୃତ୍ତି ଆପଣେଇ ସାରିଲେଣି। ସେମାନେ ଏବେ ଅଯୋଧ୍ୟାରେ ରହିବେ। ସେମାନଙ୍କୁ ଅଯୋଧ୍ୟା ସୈନ୍ୟବାହିନୀରେ ସାମିଲ କରାଯିବ।" ଅଯୋଧ୍ୟାର ମହାମନ୍ତ୍ରୀ କାମଚଳା ରାଜା ଭରତଙ୍କ କାନରେ ଫିସ୍ ଫିସ୍ କରି କହିଲେ, "ରାଜନ୍! ଆପଣ ଭ୍ରାତାଶ୍ରୀଙ୍କୁ ବୁଝାନ୍ତୁ, ବାନରମାନେ ଜଙ୍ଗଲରେ ରହିଲେ ଆମେ ଏଠି ସୁରକ୍ଷିତ ରହିବୁ। ମାତା ସୀତାଙ୍କୁ ଫେରାଇ ଆଣିବାରେ ସେମାନଙ୍କ ସହଯୋଗକୁ ଆମେ ଭୁଲିପାରିବୁ ନାହିଁ। ସେମାନଙ୍କ ପାଇଁ ଏକ ବିରାଟ ଅଭୟାରଣ୍ୟ ସୃଷ୍ଟି କରିବା। ସେମାନଙ୍କ ସମସ୍ତ ଖାଦ୍ୟପେୟର ବ୍ୟବସ୍ଥା ସେଠାରେ ରହିବ। ସେମାନେ ସେଇଠି ଆରାମରେ ରୁହନ୍ତୁ। ଆପ୍ଣରି ମଧ୍ୟ ରାମଚନ୍ଦ୍ରଙ୍କୁ ବୁଝାନ୍ତୁ, ଏତେ ସଂଖ୍ୟାରେ ବାନର ଅଯୋଧ୍ୟାରେ ପ୍ରବେଶ କଲେ ରାଜ୍ୟ ଧ୍ୱଂସ ପାଇଯିବ। ଲୋକଙ୍କ ବାଡ଼ିବଗିଚା ଚାଷ କିଛି ବି ସୁରକ୍ଷିତ ରହିବ ନାହିଁ। ଛୋଟ ମୁହଁରେ ବଡ଼ କଥା, ଆପଣ ଦେଖିବେ ମହାରାଜ, ଏହି ବାନରମାନେ ଦିନେ ଆମ ପାଇଁ ମହାସମସ୍ୟା ହୋଇ ଉଭା ହେବେ।" ଭରତ ରାମଚନ୍ଦ୍ରଙ୍କୁ ଗୋଟେ କଡ଼କୁ ଡାକି ମହାମନ୍ତ୍ରୀଙ୍କ ଆଶଙ୍କା ବିଷୟରେ କହିଲେ। ପ୍ରଭୁ କିଛି ସମୟ ଚିନ୍ତାକରି ହନୁମାନଙ୍କ ମତ ଚାହିଁଲେ। ହନୁମାନ ନିଜ ସହ ଆସିଥିବା ହଜାର ହଜାର ବାନରମାନଙ୍କ ଆଡ଼କୁ ଚାହିଁଲେ। ତା'ପରେ ରାମଚନ୍ଦ୍ରଙ୍କୁ କହିଲେ, "ପ୍ରଭୁ! ଏମାନେ କେତେ ଆଶା ନେଇ ଆମ ସହ ଆସିଛନ୍ତି। ସେମାନଙ୍କ ମନରେ କେତେ ସ୍ୱପ୍ନ, କେତେ ଉଦ୍ଦୀପନା। ଏବେ ସେମାନେ ସହରରେ ରହିବେ। ସେମାନଙ୍କ ପିଲାମାନେ ସ୍କୁଲ ଯିବେ। ପାଠ ପଢ଼ି ଶିକ୍ଷିତ ହେବେ। ସେମାନଙ୍କୁ ଆଉ କେହି ମାଙ୍କଡ଼ କହି ପରିହାସ କରିବେ ନାହିଁ। ଅତି ବ୍ୟାକୁଳ ହୋଇ ସେମାନେ ଆପଣଙ୍କ ନିଷ୍ପତ୍ତିକୁ ଚାହିଁ ରହିଛନ୍ତି। ଆପଣ ନ୍ୟାୟର ମୂର୍ତ୍ତିମନ୍ତ ସ୍ୱରୂପ, ଯାହା ବିଚାର କରିବେ।" ପ୍ରଭୁ ରାମଚନ୍ଦ୍ର ଭରତଙ୍କୁ କହିଲେ, "ସେମାନଙ୍କ ତ୍ୟାଗକୁ ମୁଁ କେବେ ଭୁଲିପାରିବି ନାହିଁ। କାମ ସରିଲା ପରେ ସେମାନଙ୍କୁ ଏମିତି ଅସହାୟ ଭାବେ ଛାଡ଼ିଦେବା ଠିକ ହେବ ନାହିଁ। ଯୁଗ ଯୁଗ ଧରି ମୋ' ନାମରେ କଳଙ୍କ ଲାଗିବ।" ମହାମନ୍ତ୍ରୀ ହାତ ଯୋଡ଼ି ରାମଚନ୍ଦ୍ରଙ୍କୁ କହିଲେ, "ଆପଣ ସର୍ବଦ୍ରଷ୍ଟା। ମୁଁ ଆପଣଙ୍କୁ କ'ଣ ଅଧିକ କହିବି। କିନ୍ତୁ ଆଜି ଭାବପ୍ରବଣ ହୋଇ ବାନରମାନଙ୍କୁ ସହର ମଧ୍ୟରେ ଥଇଥାନ କରିବାର ଯେଉଁ ନିଷ୍ପତ୍ତି ନେଉଛନ୍ତି, ସେଥିପାଇଁ ଦିନେ ସମଗ୍ର ପ୍ରଜା ଆପଣଙ୍କୁ ଦୋଷ ଦେବେ।" ରାମଚନ୍ଦ୍ର କହିଲେ, "ଆପଣ ଠିକ୍ କହୁଛନ୍ତି। ମୁଁ ଜାଣିଛି ଏହି ବାନରମାନଙ୍କ ଯୋଗୁ ହୁଏତ ଦିନେ ରାମରାଜ୍ୟ ଧ୍ୱଂସ ପାଇବ। କିନ୍ତୁ ମୁଁ ମୋ ନିଷ୍ପତ୍ତିରୁ ଓହରି ସତ୍ୟଦ୍ରୋହୀ ହୋଇପାରିବିନି।" ଅଗତ୍ୟା ଅଗ୍ରଜଙ୍କ ନିଷ୍ପତ୍ତି ଆଗରେ ଭରତ ମୁଣ୍ଡ ନୁଆଇଁ ଭାଇ ଭାଉଜଙ୍କ ସହ ବାନରମାନଙ୍କୁ ମଧ୍ୟ ଅଯୋଧ୍ୟା ନଗରୀ ମଧ୍ୟକୁ ପାଛୋଟି ନେଲେ। ଆଜି ଆମେ ସହରରେ ଯେଉଁ ବାନରମାନଙ୍କୁ ଦେଖୁଛୁ, ଏମାନେ ସମ୍ଭବତଃ ରାମଚନ୍ଦ୍ରଙ୍କ ଦ୍ୱାରା ସହରରେ ଥଇଥାନ ହୋଇଥିବା ବାନରମାନଙ୍କ ବଂଶଧର। ଆଜି ଯେପରି ଇତିହାସ, ଦର୍ଶନର ପୁନର୍ଲିଖନ ଚାଲିଛି, ସେହିଭଳି ପୁରାଣମାନଙ୍କୁ ମନ୍ଥନ କରି ସେଥିରୁ ଇତିହାସ ଲହୁଣି ବାହାର କରୁଥିବା ଆମର ପ୍ରୋଟୋ-ଐତିହାସିକମାନଙ୍କ ମତରେ ଜଙ୍ଗଲ ଛାଡ଼ି ବାନରମାନଙ୍କ ସହର ପ୍ରବେଶ ରାମଚନ୍ଦ୍ରଙ୍କ ରାଜୁତି ସମୟରେ ହୋଇଥିଲା ଏବଂ ଆଜି ଆମେ ଯେଉଁ ଶାସନ ବ୍ୟବସ୍ଥା ଦେଖୁଛୁ, ବାସ୍ତବରେ ଶ୍ରୀହନୁମାନଙ୍କ କିଷ୍କିନ୍ଧା ଡାଇନାଷ୍ଟି ତାହାର ମୂଳଦୁଆ ପକାଇଥିଲେ।

ସେ ଯାହାହେଉ, ବାନରମାନଙ୍କ ସହର ପ୍ରବେଶ ପରେ ସହରବାସୀ ପ୍ରମାଦ ଗଣିଲେ। ପ୍ରତିଦିନ କାହା ନା କାହା ବାରିରୁ କଦଳୀ କାନ୍ଦି ଚୋରି ହେଲାଣି ତ କେଉଁ ଚାଷୀର ପରିବା ବିଲରୁ ପରିବା ଉଭାନ୍ ହେଲାଣି। କାହା ଚାଳ କଣା ହେଲାଣି ତ କାହା ଘରେ ପଶି ଖାଇବା ଜିନିଷ ନଷ୍ଟ କଲେଣି। ଆସ୍ତେ ଆସ୍ତେ ପୂରା ଅଯୋଧ୍ୟା ନଗରୀ ଉପରେ ବାନରମାନଙ୍କ ରାଜୁତି ଚାଲିଲା। ଆସ୍ତେ ଆସ୍ତେ ନଗରବାସୀଙ୍କ ସହିବା ସୀମା ପାର କଲାପରେ ଆରମ୍ଭ ହେଲା ନର-ବାନରଙ୍କ ଗୋଷ୍ଠୀ କନ୍ଦଳ। ଦୈନିକ ଉଭୟ ଗୋଷ୍ଠୀରୁ କେହି ନା କେହି ମୃତାହତ ହେଲେ। ପ୍ରଜାବତ୍ସଳ ରାମଚନ୍ଦ୍ରଙ୍କର ଅକଳ ଗୁଡ଼ୁମ। ଇଆଡୁ ମାରିଲେ ମର୍କଟ ହତ୍ୟା, ସିଆଡୁ ମାରିଲେ ପ୍ରଜାହତ୍ୟା।

ଥରେ ମାଙ୍କଡ଼ମାନଙ୍କର ଏକ ଏମର୍ଜେନ୍ସି ମିଟିଂ ବସିଲା। ବୁଢ଼ା ଗୋଧ ଜଣେ କହିଲେ, "ବାବୁ ଓ ମା'ମାନେ ମନେରଖ, ଅତିରୁ ଇତି। ଏମିତି ଉତ୍ପାତ ଚଳେଇ ରଖିଲେ ଦିନେ ରାଜା ଆମକୁ ରାଜ୍ୟରୁ ବାହାର କରିଦେବେ। ତେଣୁ ତା' ପୂର୍ବରୁ ଆମମାନଙ୍କୁ ଷ୍ଟ୍ରାଟେଜି ବଦଳେଇବାକୁ ପଡ଼ିବ। ଆମକୁ କିଛି ସମାଜ ମଙ୍ଗଳ କାର୍ଯ୍ୟକ୍ରମ ହାତକୁ ନେବାକୁ ପଡ଼ିବ। ତା'ପରେ ଆମମାନଙ୍କୁ ସକ୍ରିୟ ରାଜନୀତିରେ ଭାଗ ନେଇ ରାଜ୍ୟ ଶାସନର ଅଂଶୀଦାର ହେବାକୁ ପଡ଼ିବ।" ଗୋଟେ ସୁନ୍ଦରୀ ପାତି ଉଠି କହିଲେ, "ଏଥିପାଇଁ ପ୍ରଥମେ ଆମକୁ ନାଗରିକତ୍ୱର ମାନ୍ୟତା ଦେବାକୁ ରାଜାଙ୍କ ପାଖରେ ଦାବି କରିବାକୁ ହେବ।" ଏଥିରେ ସମସ୍ତେ ହଁ ଭରିଲେ ଓ ହନୁମାନଙ୍କୁ ଏ ଦାୟିତ୍ୱ ଦିଆଗଲା। ବେଳ କାଳ ଉଣ୍ଡି ହନୁମାନ ରାଜା ରାମଚନ୍ଦ୍ରଙ୍କ ପାଖରେ ଗୁହାରି କଲେ, "ପ୍ରଭୁ ଆପଣ ତ ଜାଣନ୍ତି ଆପଣଙ୍କ ପୂର୍ବଜମାନେ ଏକଦା ବାନର ଥିଲେ। ସେହି ଅନୁସାରେ ଆପଣ ଆମର ରକ୍ତ ସମ୍ପର୍କୀୟ। ସେଇଥିପାଇଁ ଆମ ନାମ ସହ ନର ଯୋଡ଼ିହେଇଛି। ଆପଣ ହେଲେ ନିରୋଳା ନର, ଆମେ ହେଲୁ ବିଶେଷ ନର। ସେଥିପାଇଁ ଆମେ ବାନର। ବାନରମାନଙ୍କୁ ନାଗରିକତ୍ୱର ମାନ୍ୟତା ଦେଇ ଆମକୁ ରାଜ୍ୟର ମୁଖ୍ୟସ୍ରୋତରେ ସାମିଲ ହେବାର ସୁଯୋଗ ଦିଅନ୍ତୁ।" ଏ ପ୍ରସ୍ତାବ ଶୁଣି ପ୍ରଭୁ ରାମଚନ୍ଦ୍ରଙ୍କ ମୁଣ୍ଡ ଚିଣି। ସେ ଏବେ ବୁଝିପାରିଲେ, ଯେଉଁମାନଙ୍କୁ ଦିନେ ଦୟା ପରବଶ ହୋଇ ନିଜ ରାଜ୍ୟରେ ରହିବାକୁ ଅନୁମତି ଦେଇଥିଲେ, ଆଜି ସେଇମାନେ ତାଙ୍କ ଗାଦି ଉପରେ ଆଖି ପକେଇଲେଣି। ବ୍ୟତିବ୍ୟସ୍ତ ରାମଚନ୍ଦ୍ର ନିଜ କୁଳଦେବତାଙ୍କୁ ସ୍ମରଣ କଲେ। ଦେବାଧିପତି ଉଭା ହୋଇ କହିଲେ ଦେଖନ୍ତୁ ରାମଚନ୍ଦ୍ର, ଆପଣ ନିଜେ ହେଲେ ତ୍ରିକାଳଦର୍ଶୀ। ଆପଣଙ୍କୁ ଆଉ କ'ଣ ଅଛପା ଅଛି। ମୁଁ କେବଳ ଏତିକି ଆପଣଙ୍କୁ ଆଶ୍ୱାସନା ଦେବି, ଆପଣ ବଞ୍ଚିଥିବା ଯାଏଁ ସୁଶାସନ ରହିବ। ଏହା ବାଦ୍ ଯୁଗ ଯୁଗ ଧରି ଶାସନ ଭାର ମାଙ୍କଡ଼ମାନଙ୍କ ହାତରେ ରହିବ। ରାଜ୍ୟବାସୀ କେବଳ ଆପଣଙ୍କ ଶାସନକୁ ମନେପକଉଥିବେ ଓ ଯୁଗ ଯୁଗ ଧରି ଏହି ମର୍କଟମାନଙ୍କର ବଂଶଧରଙ୍କୁ ଶାସନଭାର ଅର୍ପଣ କରୁଥିବେ; କିନ୍ତୁ ସେ ସୁଶାସନ ଆଉ ଫେରିବ ନାହିଁ।


-ବନମାଳୀ ଭବନ, ଖାନନଗର, କଟକ, ମୋ: ୯୪୩୭୦୧୦୭୫୮

## ପୁସ୍ତକ ସମୀକ୍ଷା

### ଶ୍ରୀମଦ୍ ଭାଗବତ ମହାପୁରାଣ ଚାଳିଶା

(ଜ୍ଞାନଭାରତୀ ୨ୟ ଭାଗ)
ଲେଖକ- ଶ୍ରୀ ବିନୋଦ କୁମାର ସେନାପତି
ଗ୍ଲୋବାଲ ପ୍ରିଣ୍ଟର୍ସ, ରସୁଲଗଡ଼, ଭୁବନେଶ୍ୱର-୧୦
ମୂଲ୍ୟ- ୯୪ ଟଙ୍କା


ଶ୍ରୀମଦ୍ ଭାଗବତ ମହାପୁରାଣ ଅଧ୍ୟୟନ ପାଇଁ ଆଜିର ବ୍ୟସ୍ତବହୁଳ ସମାଜରେ ଲୋକମାନଙ୍କ ପାଖରେ ସମୟ କମ୍। ଯଦିଓ ଏବେବି ଅନେକ ପରିବାରରେ ଭାଗବତ ପଠନ ଦୈନିକ ହେଉଛି, ହେଲେ ଗ୍ରନ୍ଥର ବ୍ୟାପକତା ଦୃଷ୍ଟିରୁ ଏଥିରେ ବିଷୟ ବସ୍ତୁ କ'ଣ ରହିଛି ତାହା ଅଧିକାଂଶଙ୍କୁ ଜଣା ନାହିଁ। ତେଣୁ ଏହାକୁ ସଂକ୍ଷିପ୍ତ ଆକାରରେ ଲୋକଲୋଚନକୁ ଆଣିବା ପାଇଁ ବିନୋଦ କୁମାର ସେନାପତିଙ୍କ ଦ୍ୱାରା ଟୀକା ସହ ଭାଗବତ ଚାଳିଶା ରଚନା କରିବାର ପ୍ରୟାସ ପ୍ରଶଂସାଯୋଗ୍ୟ। ଲେଖକଙ୍କର ଏହି ଆଲେଖ୍ୟ ନିଶ୍ଚୟ ପାଠକୀୟ ଶ୍ରଦ୍ଧା ଅର୍ଜନ କରିବ ବୋଲି ଆଶା ଓ ବିଶ୍ୱାସ।




### ମଣିଷ ଦେହେ ଦିବ୍ୟଜ୍ଞାନ

ଲେଖକ- ଦୁର୍ଗା ଚରଣ ମିଶ୍ର
ପ୍ରକାଶକ-କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର
ମୂଲ୍ୟ-୯୦ ଟଙ୍କା


ଇଂ. ଦୁର୍ଗା ଚରଣ ମିଶ୍ରଙ୍କ ରଚିତ 'ମଣିଷ ଦେହେ ଦିବ୍ୟଜ୍ଞାନ' ପୁସ୍ତକଟିରେ ୨୪ଟି ବିଷୟ ସ୍ଥାନ ପାଇଛି। ସେଥିରେ ସେ ଅନ୍ତର୍ନିହିତ ଦିବ୍ୟଜ୍ଞାନର ପରିଚୟ ଦେଇଛନ୍ତି। ପ୍ରାରମ୍ଭର ବୈଷୟିକ ଶିକ୍ଷା ଓ ଆଧ୍ୟାତ୍ମିକତା ମଧ୍ୟରେ ସନ୍ତୁଳନ ରକ୍ଷା କରି ମିଶ୍ର ଅନୁଭବ କରିଛନ୍ତି ଯେ, ଆଧ୍ୟାତ୍ମିକତା ହିଁ ପ୍ରକୃତ ବିଜ୍ଞାନ ଏବଂ ଇଞ୍ଜିନିୟରିଂ ବିଦ୍ୟା ହେଉଛି ତାହାର ପ୍ରାୟୋଗିକ ଦିଗ। ପାରମ୍ପରିକ ବିଜ୍ଞାନ ସମୟ ଅନୁସାରେ ବଦଳି ଯାଉଥିବା ବେଳେ ସତ୍ୟ ହେଉଛି ଅପରିବର୍ତ୍ତନୀୟ ଏବଂ ସେହି ସତ୍ୟର ସନ୍ଧାନ ହେଉଛି ସାଧନା। ଗୋଟିଏ ଅନୁସନ୍ଧିତ୍ସୁ ମନର ଆଧ୍ୟାତ୍ମିକ ଜିଜ୍ଞାସା ଲେଖକ ମିଶ୍ରଙ୍କୁ ସୂକ୍ଷ୍ମ ଦୃଷ୍ଟି ପ୍ରଦାନ କରିଛି। ଉକ୍ତ ପୁସ୍ତକ ମାଧ୍ୟମରେ ସେ ଯେଉଁ ଦିଗ୍‌ଦର୍ଶନ ଦେଇଛନ୍ତି ତାହା ତାଙ୍କୁ ମାନବ ଜୀବନର ସାର୍ଥକତା ଆଡ଼କୁ ଆଗେଇ ନେଇଛି ବୋଲି ସେ ବୋଧ କରିଛନ୍ତି। ଆଶା ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ।




### ଅଭୁଲା ସ୍ମୃତି

ଲେଖକ- ବୀରେଶ୍ୱର ମହାନ୍ତି
ପ୍ରକାଶକ-ବୀରେଶ୍ୱର ମହାନ୍ତି, ଭୁବନେଶ୍ୱର
ମୂଲ୍ୟ-୧୨୫ ଟଙ୍କା

'ଅଭୁଲା ସ୍ମୃତି' କବି ବୀରେଶ୍ୱର ମହାନ୍ତିଙ୍କ କବିତା ସଂକଳନ। ଏଥିରେ ୪୦ଟି କବିତା ସ୍ଥାନ ପାଇଛି। ଶେଷ କବିତାର ନାମ ଅନୁସାରେ ବହିର ନାମକରଣ କରାଯାଇଛି। କବିଙ୍କ ଆବେଗରୁ କବିତାଗୁଡ଼ିକ ପାଠକଙ୍କୁ ଘାରି ରଖିଛି। ଯେତେବେଳେ ନୀଳ ଆକାଶ ଘନ କୃଷ୍ଣ ବାଦଲରେ ଆଚ୍ଛାଦିତ ହୋଇଯାଏ, ବାଦଲ ବର୍ଷା ହୋଇ ଲମ୍ଫିଯାଏ ଉତ୍ତାଳ ସାଗର ବକ୍ଷକୁ। ବସନ୍ତର ମଧୁ ମଳୟରେ କୋଇଲି ମତୁଆଲା ହୁଏ, ସୁନା ସୋରିଷ ଫୁଲ ଶୀଉଆ ସମୀରରେ ଦୋଳାୟିତ ହୁଏ, ଗାଁର ଜହ୍ନ ନାରିକେଳ ବୃକ୍ଷର ପତ୍ର ଫାଙ୍କ ଦେଇ ଗାଁ ଦାଣ୍ଡରେ ବିଛାଇ ହୋଇପଡ଼େ। ସେତେବେଳେ ଯେତେ ସବୁ ଅଭୁଲା ସ୍ମୃତି ମନକୁ ଉଖୁରେଇ ବସନ୍ତି, ମନ ଆନ୍ଦୋଳିତ ହୁଏ, ହଜିଯାଏ 'ଅଭୁଲା ସ୍ମୃତି'ର କବିତା ଭିତରେ। ଆଶା ପୁସ୍ତକଟି ପାଠକୀୟ ଶ୍ରଦ୍ଧା ଲାଭ କରିବ।



# ବଢ଼ି ଚାଲିଛି ନାକ



ବେଳେବେଳେ କିଛି ଈଶ୍ୱରପ୍ରଦତ୍ତ ଗୁଣ ପାଇଁ କେତେକ ଲୋକ ବେଶ୍ ପ୍ରସିଦ୍ଧ ହୋଇଯାଆନ୍ତି। ତୁର୍କୀରେ ରହୁଥିବା ମେହମେତ ଓଜିୟୁରେକ୍ ହେଉଛନ୍ତି ସେହିଭଳି ଜଣେ ବ୍ୟକ୍ତିତ୍ୱ। ଗିନିଜ୍ ୱାର୍ଲଡ୍ ରେକର୍ଡସ୍‌ରେ ତାଙ୍କ ନାକ ସ୍ଥାନ ପାଇଛି। କାରଣ ତାଙ୍କ ନାକ ହେଉଛି ପୃଥିବୀରେ ବସବାସ କରୁଥିବା ସମସ୍ତ ଲୋକଙ୍କଠାରୁ ବଡ଼। ତା'ଠାରୁ ଆହୁରି ଆଶ୍ଚର୍ଯ୍ୟର କଥା ହେଉଛି, ୭୧ ବର୍ଷ ବୟସରେ ବି ତାଙ୍କ ନାକ ଲଗାତାର ବଢ଼ିବାରେ ଲାଗିଛି। ସେଥିପାଇଁ ତାଙ୍କ ରେକର୍ଡ ଆଉ କେହି ଭାଙ୍ଗି ପାରୁନାହାନ୍ତି। ତାଙ୍କ ନାକର ଲମ୍ବ ୮.୮ ସେଣ୍ଟିମିଟର। ୨୦୧୦, ମାର୍ଚ୍ଚରେ ତାଙ୍କ ନାମ ପୃଥିବୀର ଜୀବିତ ବ୍ୟକ୍ତିଙ୍କ ମଧ୍ୟରେ ସବୁଠାରୁ ଲମ୍ବା ନାକ ଭାବେ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଥିଲା। ତେବେ ବହୁ ପୂର୍ବରୁ ଏହି ରେକର୍ଡ ୟୁକେର ଥମାସ୍ ୱେଡର୍ସଙ୍କ ନାମରେ ଥିଲା। ଅବିଶ୍ୱସନୀୟ ଭାବେ ତାଙ୍କ ନାକ ୧୯ ସେ.ମି. ଲମ୍ବା ଥିଲା। ଯେହେତୁ ସେ ଏବେ ଜୀବିତ ନାହାନ୍ତି, ତେଣୁ ମେହମେତ ଏବେ ସବୁଠୁ ଲମ୍ବା ନାକଧାରୀ ବ୍ୟକ୍ତିଭାବେ ଗିନିଜ୍ ବୁକ୍‌ରେ ସ୍ଥାନ ପାଇଛନ୍ତି।

ବ୍ୟାକ୍ ପେଜ୍




# ଫୁଲର ଏରୋପ୍ଲେନ୍





ଦୁବାଇର ମିରାକଲ୍ ଗାର୍ଡେନ, ସ୍ୱର୍ଗର ଅନୁଭୂତି ଏଇ ପୃଥିବୀରେ ହିଁ ଦେଇଥାଏ। ଚାରିଆଡ଼େ ଫୁଲର ପସରା ସାଙ୍ଗକୁ ଫୁଲର ସୁନ୍ଦର ସୁନ୍ଦର କଳାକୃତି। ଯିଏ ଥରେ ଏଠାକୁ ଯାଇଛି ଜୀବନସାରା ଭୁଲିପାରେନା ତା'ର ମନଲୋଭା ସୌନ୍ଦର୍ଯ୍ୟକୁ। ୨୦୧୬ ଡିସେମ୍ବର ୨ ତାରିଖରେ ଏହି ମିରାକଲ୍ ଗାର୍ଡେନ୍‌ରେ ତିଆରି ହୋଇଥିଲା ଏମିରେଟ୍ ଏୟାରବସ୍ ଏ୩୮୦ର ଏକ ଫୁଲ୍ ସାଇଜ୍ ମଡେଲ। ୭୩ ମିଟର ଲମ୍ବ ବିଶିଷ୍ଟ ଏହି କଳାକୃତିଟି ୫,୦୦,୦୦୦ ସତସତିକା ଫୁଲଗଛରେ ତିଆରି ହୋଇଥିଲା। ଯେତେବେଳେ ଏହି ଗଛରେ ଫୁଲ ଫୁଟିଲା ୫ ମିଲିୟନ ଫୁଲରେ ଏୟାରବସ୍ ଏ୩୮୦ ଦେଖାଯାଉଥିଲା ବେଶ୍ ରଙ୍ଗିନ୍ ଓ ଆକର୍ଷଣୀୟ। ଆଉ ଏହି ଫୁଲର ଏରୋପ୍ଲେନ୍ ସବୁଠାରୁ ବଡ଼ ଫ୍ଲାୱାର ଆରେଞ୍ଜମେଣ୍ଟଭାବେ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଲା।

# ମେଶିନ୍ ଭିତରେ ୬୯ ବର୍ଷ

ଏମିତି କିଛି ଲୋକ ଅଛନ୍ତି, ଯେଉଁମାନେ ପ୍ରତିକୂଳ ପରିସ୍ଥିତିରେ ହାରି ନ ଯାଇ ଆଗକୁ ବଢ଼ି ସଫଳତା ହାସଲ କରିଥା'ନ୍ତି। ସେମିତି ଜଣେ ବ୍ୟକ୍ତି ହେଉଛନ୍ତି 'ଦି ମ୍ୟାନ ଇନ୍ ଆଇରନ୍ ଲଙ୍ଗ୍' ନାମରେ ପ୍ରସିଦ୍ଧ ପଲ୍ ଆଲେକ୍‌ଜାଣ୍ଡର। ଦୀର୍ଘ ୬୯ ବର୍ଷ ଧରି ସେ ଏକ ମେଶିନ୍ ଭିତରେ ବନ୍ଦ ହୋଇ ରହିଛନ୍ତି। ଆଉ ଜୀବନ ସହ ସଂଘର୍ଷ କରୁଛନ୍ତି। ଏଭଳି ସ୍ଥିତିରେ ଥାଇ ବି ସେ ଓକିଲାତି କରିବା ସହ ବହି ଲେଖିଛନ୍ତି। ଫଳରେ ସେ ସାଜିଛନ୍ତି ଅନେକଙ୍କ ପାଇଁ ପ୍ରେରଣା। ୬ ବର୍ଷ ବୟସର ହୋଇଥିବାବେଳେ ତାଙ୍କୁ ପୋଲିଓ ହୋଇଥିଲା। ଏମିତି ସ୍ଥିତିରେ ଥରେ ସେ ଖେଳୁ ଖେଳୁ ପଡ଼ି ଯାଇଥିଲେ। ଆଉ ତାଙ୍କୁ ଜୋର୍ ଆଘାତ ଲାଗିଥିଲା। ଫଳରେ ସେ ଚଲାବୁଲା କରିପାରିଲେନି। ୧୯୫୨ ମସିହାରେ ତ ସେ ନିଃଶ୍ୱାସ ନେବାରେ ବି ଅସୁବିଧା ଅନୁଭବ କଲେ। ତାଙ୍କ ଫୁସ୍‌ଫୁସ୍‌ରେ ସମସ୍ୟା ଥିଲା। ତେଣୁ ଡାକ୍ତରଙ୍କ ପାଖରେ ତାଙ୍କୁ ଏକ ଆଇରନ୍ ଲଙ୍ଗ୍ ବା ଯାନ୍ତ୍ରିକ ଫୁସ୍‌ଫୁସ୍ ଭିତରେ ରଖିବା ଛଡ଼ା ଅନ୍ୟ କିଛି ରାସ୍ତା ନ ଥିଲା। ସେବେଠାରୁ ସେ ଏହି ମେଶିନ୍ ଭିତରେ ଶୋଇ ରହିଛନ୍ତି। ମେଶିନ୍ ଭିତରେ ସେ ହଲ୍‌ଚଲ ବି ହୋଇପାରନ୍ତି ନାହିଁ। ତଥାପି ସେ ନିଜର ପାଠପଢ଼ା ଓ ବହି ଲେଖା ପୂରଣ କରିଛନ୍ତି। ଆଉ ଓକିଲାତି ପ୍ରାକ୍ଟିସ୍ ବି କରିଛନ୍ତି। ପ୍ରଥମେ ତ ଆଶା କରାଯାଉଥିଲା ବଡ଼ ହେବା ସହ ପଲ୍‌ଙ୍କ ଅବସ୍ଥାରେ ସୁଧାର ଆସିବ। କିନ୍ତୁ ସେମିତି କିଛି ହୋଇ ନ ଥିଲା। ସେ ମେଶିନ୍‌ରେ ଶୋଇ ରହି ଏକ ପ୍ଲାଷ୍ଟିକ୍ ଷ୍ଟିକ୍ ସାହାଯ୍ୟରେ କି- ବୋର୍ଡର କି'ଗୁଡ଼ିକୁ ଚାପି ବହି ଲେଖିଛନ୍ତି। ଏଭଳି ଲେଖିବା ଆଦୌ ସହଜ ନ ଥିଲା। ତଥାପି ତାଙ୍କର ଦୃଢ଼ ମନୋବଳ ଯୋଗୁ ଏହା ସମ୍ଭବ ହୋଇପାରିଲା। ତେଣୁ ତାଙ୍କ ବହିର ଚାହିଦା ସାରା ପୃଥିବୀରେ ରହିଛି।

